# ଅଳିଆ ଆବର୍ଜନାରେ ପୋତି ହୋଇ ରହିଛି ଡ୍ରେନ୍

କୋରାପୁଟ,୨୧।୭
(ଅମିତାଭ ବେହେରା)


କୋରାପୁଟ ଦୈନିକ ବଜାରର ଏକ ଗଳିରେ ଦୀର୍ଘଦିନ ହେଲା ଅଳିଆ ଆବର୍ଜନା ପଡି ରହିଥିଲେ ମଧ୍ୟ ଏହାକୁ ପୌର ପରିଷଦ ପକ୍ଷରୁ ସଫା କରାଯାଉନି।

**ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ**
- ମଶାମରା ଧୂଆଁ ଦେବା ବ୍ୟବସ୍ଥା ହେଉନି
- ଠିକ୍ ରୂପେ ସଫେଇ କରୁନି ଠିକା ସଂସ୍ଥା
- ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ସର୍ବାଧିକ ଗୁରୁତ୍ବ ଦିଆଯାଉଛି: ନିର୍ବାହୀ ଅଧିକାରୀ

କୋରାପୁଟ ସହରରେ ଅଧିକାଂଶ ଡ୍ରେନ ଅଳିଆ ଆବର୍ଜନରେ ପୋତି ହୋଇ ରହଛି। ଏଥିଯୋଗୁ ମଶାମାଛିଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ମଶା ମାରିବା ପାଇଁ ପୌରପାଳିକା ପକ୍ଷରୁ ମଧ୍ୟ ମଶାମରା ଧୂଆଁ ଦେବା ବ୍ୟବସ୍ଥା ହେଉନି। ଅନ୍ୟପକ୍ଷରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ମଶାମରା ଧୂଆଁ ଓ ତେଲ ପକାଯାଉଥିବା କୁହାଯାଉଥିବା ବେଳେ ମଶା ବଂଶ ବଢ଼ି ଚାଲିଛି। ଫଳରେ ଏନେଇ ରହିଥିବା ଯୋଜନାର ବାସ୍ତବ ସ୍ଥିତିକୁ ନେଇ ପ୍ରଶ୍ନ ଠିଛି। ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। କୋରାପୁଟ ପୌରାଞ୍ଚଳ ଅନ୍ତର୍ଗତ ୨୧ ୱାର୍ଡରେ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ତେବେ ଲୋକଙ୍କ ପାଇଁ ମଶା ନିୟନ୍ତ୍ରଣ ଲାଗି ଏପର୍ଯ୍ୟନ୍ତ ସେପରି କିଛି ପଦକ୍ଷେପ ନିଆଯାଇନି। ଡ୍ରେନ ସଫେଇ, ଆବର୍ଜନା ସଫା ଏବଂ ଔଷଧ ସିଞ୍ଚନ ଠିକ୍ ରୂପେ କରାଯାଉନି। ଲୋକେ ଘରେ ବ୍ୟବହାର କରୁଥିବା ମଶାବତୀ, ଲକ୍ୟୁଇଡ ଓ ଧୂପ ମଶାଙ୍କ ପାଇଁ କିଛି ଫରକ ପଡୁନି। ସଫେଇ କାମରେ ନିୟୋଜିତ ଠିକାସଂସ୍ଥା ସଫେଇ ରୂପେ କରୁ ନ ଥିବାରୁ ନାଳ ନର୍ଦ୍ଦମା ଅବସ୍ଥା ପୂର୍ବପରି ରହିଛି। ଦୈନିକ ବଜାର,ମାଛ ମାଂସ ମାର୍କେଟ,ବସଷ୍ଟାଣ୍ଡ ଓ ମେଡିକାଲ କଲେଜ ଅଞ୍ଚଳରେ କୁଢ କୁଢ ଅଳିଆ ଆବର୍ଜନା ଜମି ରହି ନାଳ ନର୍ଦ୍ଦମାର ସ୍ଥିତି ବେହାଲ କରିଛି। ଏହା ବର୍ଷା ଋତୁରେ ଡେଙ୍ଗୁ ମଶାର ବୃଦ୍ଧିରେ ସହାୟକ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ସାଧାରଣତଃ ଡାଙ୍ଗଦେଉଳା, କୁମ୍ଭା, ରେଲିକୁମ୍ଭା, ଚିନ୍ଦିରି, ଆକାଶଗୁଡା ଆଦି ଗ୍ରାମାଞ୍ଚଳର ବିଭିନ୍ନ ୱାର୍ଡରେ ରାସ୍ତା ଘାଟ ନାଳନର୍ଦ୍ଦମା ଅବସ୍ଥା ସଙ୍ଗୀନ ହେଲାଣି। ଉକ୍ତ ଅଞ୍ଚଳଗୁଡିକରେ ମଶା ଧୂଆଁ ଗାଡି ବୁଲି ମଶା ଧୂଆଁ ଓ ତେଲ ଛିଞ୍ଚନ କରିବା କେବେ ଲୋକେ ଦେଖିନାହାନ୍ତି ବୋଲି କହିଛନ୍ତି। ମଶାଙ୍କ ପାଦୁର୍ଭାବ ଯୋଗୁ କୋରାପୁଟ ଜିଲାରେ ଜାନୁଆରୀ ମାସରୁ ଜୁନ ମାସ ପର୍ଯ୍ୟନ୍ତ ୧୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଥିଲେ। ତେବେ ପୂର୍ବ ତଥ୍ୟ ଅନୁସାରେ ସାଧାରଣତଃ କୋରାପୁଟ ଜିଲାରେ ଜୁଲାଇ ମାସରୁ ନଭେମ୍ବର ମାସ ମଧ୍ୟରେ ଡେ଼ଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିଥାଏ। ଗତ ୨୦୨୨ରେ ଜିଲାରେ ୭୫୨୫ଟି ଡେଙ୍ଗୁ ନମୁନା ପରୀକ୍ଷା କରାଯାଇଥିବା ବେଳେ ସେଥିରୁ ୫୦୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ସେଥିମଧ୍ୟରୁ କୋରାପୁଟ ପୌରାଞ୍ଚଳର ୧୮୯ ଜଣ, ଜୟପୁର ପୌରାଞ୍ଚଳର ୮୧ ଜଣ ଏବଂ ସୁନାବେଡା ଏନଏସି ଅଞ୍ଚଳର ୮୭ ଜଣ ଚିହ୍ନଟ ହୋଇଥିଲେ। ଏହି ସମୟ ମଧ୍ୟରେ ଗ୍ରାମାଞ୍ଚଳରେ ୧୫୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଗତ ୨୦୨୩ରେ ଜିଲାରେ ୨୨୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ସେହିପରି ଚଳିତ ୨୦୨୪ ଜୁଲାଇ ୧୦ ସୁଦ୍ଧା ଜିଲାରେ ମୋଟ ୧୬୨୯ ଜଣଙ୍କ ନବୁନା ପରୀକ୍ଷା ହୋଇଥିଲା। ସେଥିରୁ ୧୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। ଡେଙ୍ଗୁ ରୋକିବା ଓ ମଶା ନିୟନ୍ତ୍ରଣ ନେଇ କୋରାପୁଟ ପୌର ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ବର୍ଷା ଦିନେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ମଶା ଧୂଆଁ ମେସିନ ବୁଲା ସହ ଖାଲ ପୋତିବା, ଟାୟାର ଓ ଭଙ୍ଗା ଗିଣ ଆଦି ଜାଗାରେ ପାଣି ଜମା ନ ରଖିବାକୁ ଲୋକଙ୍କୁ ଅନୁରୋଧ କରାଯାଉଛି। ମଶାମରା ତେଲ ଓ ବ୍ଲିଚିଂ ପାଉଡର ନିୟମିତ ଭାବରେ ସହରର ଗଳି କନ୍ଦିରେ ପକାଯାଉଛି। କାଉନସିଲଙ୍କ ସମେତ ସ୍ୱାସ୍ଥ୍ୟକର୍ମୀମାନେ ଘରଘର ବୁଲି ଲୋକସଙ୍କୁ ସଚେତନ କରୁଛନ୍ତି ବୋଲି ସେ କହିଥିଲେ। ସେହିପରି କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କୁ ପଚାରିବାରୁ ସେ କହିଲେ, କୋରାପୁଟ ସହରକୁ ସଚ୍ଛ ରଖିବାକୁ ପୌର ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି। ଖୁବ୍ ଅଳ୍ପ ଦିନ ମଧ୍ୟରେ ଏହାର ସୁଫଳ ସହରବାସୀ ପାଇବେ ବୋଲି ସେ କହିଥିଲେ।

# କାଉଗୁଣ୍ଠା ଘାଟିରେ ୨ ଟ୍ରକ ଅଟକି ରାସ୍ତା ଜାମ୍

ପଟ୍ଟାଙ୍ଗି,୨୧।୭(ଶରତ ଧଳ)

**୭ ଘଣ୍ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଦେଇ ଯାଇଥିବା ଜାତୀୟ ରାଜପଥର କାଉଗୁଣ୍ଠା ଘାଟିରେ ରବିବାର ୨ଟି ଟ୍ରକ ଅଟକି ଘାଟି ରାସ୍ତା ଜାମ୍ ହୋଇଥିଲା। ଏହି ରାସ୍ତା ଛତିଶଗଡ଼ ଓ ଆନ୍ଧ୍ରକୁ ସଂଯୋଗ କରୁଛି। ଖବରପାଇ ପୋଲିସ ପହଞ୍ଚି ତୁରନ୍ତ ପଦକ୍ଷେପ ନେଇ ଘାଟିରେ ଗାଡ଼ି ଚଳାଚଳକୁ ସ୍ୱାଭାବିକ କରିଛି। ଏଥିପାଇଁ ୭ ଘଣ୍ଟା ସମୟ ଲାଗିଥିଲା।

ଖବରରୁ ଜଣାପଡିଛି, ଓଡ଼ିଶାର କୋରାପୁଟରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଟ୍ରକ (ନଂ. ଏପି୩୯ଭିଏଫ୍-୭୫୪୯) ଯାନ୍ତ୍ରିକ ତ୍ରୁଟି ଯୋଗୁ ଉକ୍ତ ରାଜପଥ ଉପରେ ଅଟକି ରହିଥିଲା। ଏହି ସମୟରେ ଆନ୍ଧ୍ରରୁ କୋରାପୁଟ ଅଭିମୁଖେ ଆସୁଥିବା ଟ୍ରକ(ଏପି୨୬ଟିଟି ୯୦୧୮) ପୂର୍ବରୁ ରାସ୍ତାରେ ଅଟକି ରହିଥିବା ଟ୍ରକ ପାର୍ଶ୍ୱ ଦେଇ ଯିବା ବେଳେ ଟ୍ରକଟି କାଦୁଅ ରାସ୍ତାରେ ଫଶି ଯାଇଥିଲା। ଭୋର ୪ଟାରେ ଏପରି ଘଟଣା ଘଟିଥିଲା। ତେବେ ଖବର ପାଇ ଥାନାଧିକାରୀ ଚତୁର୍ଭୁଜ ନାୟକ, ଏଏସ୍ଆଇ ମାଧବ ତାଡିଙ୍ଗିଙ୍କ ସମେତ ପୋଲିସ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ରବିବାର ସକାଳ ୬ଟାରୁ କାଦୁଅରେ ଅଟକି ରହିଥିବା ଟ୍ରକକୁ ଜେସିବି ଦ୍ୱାରା ହଟାଇବାକୁ ଉଦ୍ୟମ କରିଥିଲେ। ଦୀର୍ଘ ୭ଘଣ୍ଟା ପରେ ଉକ୍ତ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହା ପୂର୍ବରୁ ଛତିଶଗଡ଼ ଓ ଆନ୍ଧ୍ରକୁ ଯାତାୟାତ କରୁଥିବା ସମସ୍ତ ଯାତ୍ରୀବାହୀ ବସ୍‌କୁ ପୋଲିସ କୁନ୍ଦୁଲି ସାପ୍ତାହିକ ହାଟରୁ ରେଙ୍ଗା ଗ୍ରାମ ଦେଇ ପୁକାଲି ହୋଇ ରାଲେଗଡା, ରାଜୁଗୁଡା ଛକରେ ବାହାରିବା ପାଇଁ ବ୍ୟବସ୍ଥା କରିଥିଲା। ସେହିପରି କୋରାପୁଟ ଅଭିମୁଖେ ଆସୁଥିବା ସବୁ ବସ୍‌କୁ ମଧ୍ୟ ରାଜୁଗୁଡା ହୋଇ କୁନ୍ଦୁଲି ସାପ୍ତାହିକ ହାଟରେ ବାହାରି ଯାତାୟାତ କରିବା ବ୍ୟବସ୍ଥା ହୋଇଥିଲା। ଥାନାଧିକାରୀ ନାୟକଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି।

# ରାମଚନ୍ଦ୍ର କାଡାମ ବିଧାୟକ ଦଳ ନେତା ମନୋନୀତ ପରେ କର୍ମୀ ମହଲରେ ଉତ୍ସାହ

ପଟ୍ଟାଙ୍ଗି,୨୧।୭(ଶରତ ଧଳ)

ରାଜ୍ୟ କଂଗ୍ରେସ ବିଧାୟକ ଦଳ ନେତା ଭାବେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ଏଆଇସିସି ପକ୍ଷରୁ ନିଯୁକ୍ତି ମିଳିବା ପରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ କର୍ମୀଙ୍କ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ତିନି ବ୍ଲକର ସଭାପତି କାଡାମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୋରାପୁଟ ଜିଲାର ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳର ଗଡ ଭାବେ ପରିଚିତ ଥିଲା। ତେବେ ଗତ ୧୦ ବର୍ଷ ମଧ୍ୟରେ ଦଳର ଏହି ଗଡ଼ ଭୁଶୁଡି ପଡିଥିଲା। ଏବେ କଂଗ୍ରେସରୁ ବିଧାୟକ ଭାବେ ରାମଚନ୍ଦ୍ର କାଡାମ ନିର୍ବାଚିତ ହେବା ପରେ କଂଗ୍ରେସର ଗଡ଼ ଫେରିବା ଆଶା ଉଜ୍ଜୀବିତ ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳର ନେତା ନିଯୁକ୍ତିକୁ ନେଇ ଗତ କିଛି ଦିନ ଧରି ଦଳରେ ଛକାପଞ୍ଝା ଜାରି ରହିଥିଲା। ଦଳରେ ଯିଏ ଅଧିକ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ସେ ଦଳର ବିଧାୟକ ଦଳ ନେତା ଭାବେ ନିଶ୍ଚିତ ନିଯୁକ୍ତି ପାଇବେ ବୋଲି ମତ ପ୍ରକାଶ ପାଇଥିଲା। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏଥିପ୍ରତି ଆଶାୟୀ ଥିଲେ। ତେବେ ଏଆଇସିସି ପକ୍ଷରୁ ବିଧାୟକ କାଡାମଙ୍କୁ ବିଧାୟକ ଦଳ ନେତା ରୂପେ ନିଯୁକ୍ତି ନିଯୁକ୍ତି ମିଳିବା ପରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। କାଡାମଙ୍କ ପାଇଁ କର୍ମୀଙ୍କ ମହଲରେ ଉତ୍ସା ଦେଖିବାକୁ ମିଳିଛି। କାଡାମ ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ତାଙ୍କୁ ପଟ୍ଟାଙ୍ଗି ବ୍ଲକ ସଭାପତି ଅର୍ଜୁନ ବାଙ୍କା, ଶିମିଳିଗୁଡା ବ୍ଲକ ସଭାପତି ସନ୍ୟା ମାଝୀ ଓ ନନ୍ଦପୁର ବ୍ଲକ ସଭାପତି କାମେଶ କାମଡି ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ରାଜ୍ୟ ଆଦିବାସୀ ସେଲ ସଭାପତି ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ମଧ୍ୟ କାଡାମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦଳରେ ରହିଥିବା ୯ ଜଣ ବିଧାୟକଙ୍କ ମଧ୍ୟରୁ ପଟ୍ଟାଙ୍ଗି ବିଧାୟକ କାଡାମ ବରିଷ୍ଠ ହୋଇ ଥିବାରୁ ଦଳ ତାଙ୍କୁ ବିଧାୟକ ଦଳ ନେତା ରୂପେ ବାଛିଥିବା କୁହାଯାଉଛି।

# କାନ୍ଥ ପଡ଼ି ବୃଦ୍ଧ ଗୁରୁତର

ପାପଡାହାଣ୍ଡି, ୨୧।୭, (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଯାନିଗୁଡା ଗ୍ରାମରେ ଲଗାଣ ବର୍ଷା ଯୋଗୁ କାନ୍ଥ ପଡି ଜଣେ ବୃଦ୍ଧ ମନବତ ଯାନୀ ଗୁରୁତର ହୋଇଛନ୍ତି। ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ରବିବାର ମଧ୍ୟାହ୍ନରେ ପରିବାର ସମସ୍ତ ସଦସ୍ୟ ଚାଷକାମ ପାଇଁ ଜମିକୁ ଯାଇଥିବାବେଳେ ମନବତ ଘରେ ବିଶ୍ରାମ କରୁଥିଲେ। ଏହି ସମୟରେ ବର୍ଷା ଯୋଗୁଁ କାନ୍ଥ ଭୁଶୁଡି ମନବତଙ୍କ ଉପରେ ପଡିଥିଲା। ପଡୋଶୀ ଓ ପରିବାର ସଦସ୍ୟ ଗାଡ଼ି ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ବାମ ଗୋଡ ଭାଙ୍ଗି ଯାଇଥିବାବେଳେ ତାଙ୍କ ଦେହ ଓ ହାତରେ ଆଘାତ ଲାଗିଛି। ସେହିପରି ଲଗାଣ ବର୍ଷା ଯୋଗୁଁ ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଗୁମିଦୋରା ଗ୍ରାମରେ ଗୌର ପାଇକଙ୍କ ଘର କାନ୍ଥ ଭାଙ୍ଗିଯାଇଛି।


କୋରାପୁଟ ଜିଲା ଜୟପୁରରେ ପଦ୍ମଶ୍ରୀ କମଳା ପୂଜାରୀଙ୍କ ମରଶରୀରକୁ ରବିବାର ଶୋଭାଯାତ୍ରାରେ ନିଆଯାଉଛି।

# କୋରାପୁଟ ସାହିତ୍ୟ ପରିବାରର ବାର୍ଷିକ ଉତ୍ସବ


ଅତିଥିମାନେ 'କଥାରେ କଥାରେ କୋରାପୁଟ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

କୋରାପୁଟ,୨୧।୭(ଅମିତାଭ ବେହେରା)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ସଭାଗୃହରେ ରବିବାର କୋରାପୁଟ ସାହିତ୍ୟ ପରିବାରର ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ତଥା ପ୍ରାବନ୍ଧିକ ଡ. ଜଗବନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ଡ. ବିଜୟାନନ୍ଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଥାକାର ମଧୁସୂଦନ ସ୍ୱାଇଁଙ୍କ ଗଳ୍ପ ସଂକଳନ 'କଥାରେ କଥାରେ କୋରାପୁଟ'କୁ ଉନ୍ମୋଚନ କରିଥିଲେ। ଏହି ପୁସ୍ତକରେ କୋରାପୁଟ ଜିଲାର ଅଧିବାସୀଙ୍କ ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଛବି ସ୍ଥାନ ପାଇଥିବା ମୁଖ୍ୟଅତିଥି ସିଂ କହିଥିଲେ। ସାହିତ୍ୟ ପରିବାରର ସମ୍ପାଦିକା ଡ. ପ୍ରୀତିଧାରା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଗାଳ୍ପିକ ନାରାୟଣ ପଣ୍ଡା, କଥାକାର ସ୍ୱାଇଁ, କବି ଜଳଧର ସ୍ୱାଇଁ, ଏମ. ସ୍ୱାଇଁ, ସୌମେନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ସାହିତ୍ୟିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କବି ରବି ଶତପଥୀ ସଂଯୋଜନା କରିଥିଲେ।

# କମାରଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ ନେଇ ହେବ ଆନ୍ଦୋଳନ

କୋରାପୁଟ,୨୧।୭
(ଅମିତାଭ ବେହେରା)

କମାରଙ୍କୁ ଅଦିବାସୀ ମାନ୍ୟତା ପ୍ରଦାନ ନେଇ କୋରାପୁଟ ଜିଲା କମାର ସମାଜ ପକ୍ଷରୁ ଦୀର୍ଘ ୧୫ ବର୍ଷ ଧରି ଆନ୍ଦୋଳନ ଜାରି ରହିଥିବାବେଳେ ଏଯାଏ ସରକାରଙ୍କ ପକ୍ଷରୁ ସେମାନଙ୍କ ଦାବିଙ୍କୁ ସରକାର ପୂରଣ କରିନାହାନ୍ତି। ରବିବାର କୋରାପୁଟ କୋଟସ ସଭାଗୃହରେ କୋରାପୁଟ ଜିଲା କମାର ସମାଜ ପକ୍ଷରୁ ଏକ ବୈଠକ କରାଯାଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି।

କୋରାପୁଟ ଜିଲା କମାର ସମାଜ ସଭାପତି ଭଗବାନ ଗୋଲରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସମ୍ପାଦକ ମାଧବ ଗୋଲରୀ, ଉପଦେଷ୍ଟା ଚନ୍ଦ୍ର କମାର, ଧନେଶ୍ୱର ମାଝୀଙ୍କ ସହ ଜିଲାର ୧୪ଟି ଯାକ ବ୍ଲକର କମାର ସମାଜ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ନୂତନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ସରକାର ଦାବି ନ ଶୁଣିଲେ ଆଗାମୀ ଦିନରେ ବ୍ଲକ, ଜିଲା ଓ ରାଜ୍ୟ ସ୍ତରରେ କମାର ସମାଜ ପକ୍ଷରୁ ଆନ୍ଦୋଳନ କରାଯିବା ନିଷ୍ପତ୍ତି ହୋଇଥିବା ସମ୍ପାଦକ ମାଧବ ଗୋଲରୀ କହିଛନ୍ତି।

# ଦାମନଯୋଡ଼ିର ବିଭିନ୍ନ ସଙ୍ଗଠନ ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ

ଦାମନଯୋଡି,୨୧।୭(ମାନସ ରଞ୍ଜନ କର)

ଗୁରୁଙ୍କୁ ନ ମଣିବ ନର ଗୁରୁ ହିଁ ସାକ୍ଷାତ ଇଶର। ସନାତନ ଧର୍ମର ଆଦିଗ୍ରନ୍ଥ ବେଦର ରଚୟିତା ଭଗବାନ ବିଷ୍ଣୁଙ୍କ ଅବତାର କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ଜନ୍ମତିଥି ଅବସରରେ ଶିଳ୍ପନଗରୀ ଦାମନଯୋଡିରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ରବିବାର ଗୁରୁପୂର୍ଣ୍ଣିମା ପାଳିତ ହୋଇଛି।


ସତ୍ୟସାଇ ସେବାସମିତି ଆନୁକୁଲ୍ୟରେ ପୁଟ୍ରାଘାଟି ଗ୍ରାମରେ ଚାରାରୋପଣ କରାଯାଉଛି।

ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସ୍ୱୟଂ ସେବକମାନେ ଗୈରିକ ଧ୍ୱଜାକୁ ଗୁରୁଙ୍କ ପ୍ରତୀକ ରୂପେ ରଖି ଧ୍ୱଜବନ୍ଦନ ଓ ପୂଜନ କରିଥିଲେ। ଗାୟତ୍ରୀ ପରିବାର, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା, ଠାକୁର ଅନୁକୂଳଚନ୍ଦ୍ର ଆଶ୍ରମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ ହୋଇଛି। ଶ୍ରୀସତ୍ୟସାଇ ସେବା ସମିତି ଦାମନଯୋଡି ପକ୍ଷରୁ ପୁଟ୍ରାଘାଟି ଗ୍ରାମରେ ଚାରାରୋପଣ କରାଯାଇଥିଲା। ଗ୍ରାମର ନୀଳାବାଡି ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷଦେବତାମାନଙ୍କୁ ପୂଜାର୍ଚ୍ଚନା ପୂର୍ବକ ଆମ୍ବ,ନଡ଼ିଆ,ଲେମ୍ବୁ ଆଦି ବିଭିନ୍ନ କିସମର ୩୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

# ରାସ୍ତା ଉପରେ ତଳି ରୋଇ ପ୍ରତିବାଦ

ସେମିଳିଗୁଡା,ସୁନାବେଡା,୨୧।୭
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦ ଅଧୀନ ୨୦ ନଂ. ୱାର୍ଡ ସେମିଳିଗୁଡ଼ାର ଇନ୍ଦିରା ନଗର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସମ୍ମୁଖ ମୁଖ୍ୟ ରାସ୍ତା ଅବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦା ଅଭିନବ ଉପାୟରେ ରବିବାର ପ୍ରତିବାଦ ଜଣାଇଛନ୍ତି। ସ୍ଥାନୀୟ ବାସିନ୍ଦା ରାସ୍ତାର ଖାଲଖମାରେ ଧାନ ତଳି ରୋପଣ କରି ପ୍ରଶାସନକୁ ନିଜ ପ୍ରତିବାଦ ଜଣାଇଛନ୍ତି। ରାସ୍ତା ଅବସ୍ଥା ସୁଧାରିବାକୁ ଅଞ୍ଚଳବାସୀ ବାରମ୍ବାର ପୌର ପ୍ରଶାସନକୁ ଅବଗତ କରି ବିଫଳ ହେବା ପରେ ଏପରି ପଦକ୍ଷେପ ନେଇଛନ୍ତି। ସକାଳୁ ୱାର୍ଡର ଯୁବକମାନେ ରାସ୍ତା ଉପରେ ପୋଖରୀର ଭ୍ରମ ସୃଷ୍ଟି କରୁଥିବା ଖାଲ ସ୍ଥାନରେ ମାଛ ଛାଡିବା ସହ ଧାନତଳି ରୋଇଥିଲେ। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଏହି ରାସ୍ତାର ଅଳ୍ପ ଦୂରରେ ପୌରାଧ୍ୟକ୍ଷଙ୍କ ଘର। ନିଜ ଘର ନିକଟରେ ରାସ୍ତା ଅବସ୍ଥା ଏପରି ହୋଇଥିଲେ ମଧ୍ୟ ପୌରାଧ୍ୟକ୍ଷ କିଛି ପଦକ୍ଷେପ ନେଉ ନ ଥିବା ଆଲୋଚନା ହେଉଛି। ଯଦି ପୌରାଧ୍ୟକ୍ଷଙ୍କ ଘରକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଏପରି, ତେବେ ଅନ୍ୟ ସାହି ବସ୍ତିର ରାସ୍ତା ଅବସ୍ଥା କିପରି ଥିବ ସହଜେ ଅନୁମେୟ ବୋଲି ମତ ପ୍ରକାଶ ପାଉଛି। ଶୀଘ୍ର ରାସ୍ତା ଅବସ୍ଥା ନ ସୁଧୁରିଲେ ଆଗାମୀ ଦିନରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ଅଳ୍ପ ଦୂରରେ ପୌରାଧ୍ୟକ୍ଷଙ୍କ ଘର**


ସୁନାବେଡାରେ ରବିବାର ରାସ୍ତା ଅବସ୍ଥା ନେଇ ପ୍ରତିବାଦ ସ୍ୱରୂପ ଅଞ୍ଚଳବାସୀ ପାଣି ଜମିଥିବା ଖାଲରେ ତଳି ରୋପଣ କରି ପ୍ରତିବାଦ ଜଣାଉଛନ୍ତି ।

# ଉଚ୍ଚଶିକ୍ଷାରେ ସିୟୁଓକୁ ଉତ୍କର୍ଷତା ପୁରସ୍କାର

କୋରାପୁଟ,୨୧।୭
(ଅମିତାଭ ବେହେରା)

**ନୂଆଦିଲ୍ଲୀର ପ୍ରଗତି ମୈଦାନ ଏକ୍ସପୋ-୨୦୨୪**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ରବିବାର ସରକାରୀ ଉପଲବ୍ଧି ଓ ଯୋଜନା ଏକ୍ସପୋ-୨୦୨୪ରେ 'ଉତ୍କୃଷ୍ଟ ଉଚ୍ଚଶିକ୍ଷା ପ୍ରଦାନ' ବର୍ଗରେ ପ୍ରଥମ ପୁରସ୍କାର ହାସଲ କରିଛି। ଏନ୍ଏନ୍ଏସ୍ ମିଡିଆ ଗ୍ରୁପ ଦ୍ୱାରା ଆୟୋଜିତ ନୂଆଦିଲ୍ଲୀର ପ୍ରଗତି ମୈଦାନରେ ଅନୁଷ୍ଠିତ ଏହି ଏକ୍ସପୋରେ ସିୟୁଓ ଏହି ପୁରସ୍କାର ଲାଭ କରିଛି । ଏହି ଏକ୍ସପୋ ୨୨ତାରିଖ ପର୍ଯ୍ୟନ୍ତ ହେବ। ଏଠାରେ ଦେଶର ବହୁ ଉଚ୍ଚ ଶିକ୍ଷାନୁଷ୍ଠାନଙ୍କ ଦ୍ୱାରା ବିଭିନ୍ନ ଉପଲବ୍ଧି ଏବଂ ପଦକ୍ଷେପକୁ ପ୍ରଦର୍ଶିତ କରାଯାଉଛି। ସିୟୁଓ ପ୍ରତିନିଧି ଦଳରେ ଡ. ଗୁରଜିତ୍ ସିଂହ ୱାଲିଆ (ଆସୋସିଏଟ ପ୍ରଫେସର ଓ ମୁଖ୍ୟ, ପରିସଂଖ୍ୟାନ ବିଭାଗ ସଂଯୋଜକ), ଡ. ଜ୍ୟୋତିସ୍ନା ଦତ୍ତ (ସହକାରୀ ପ୍ରଫେସର, ଗଣିତ ବିଭାଗ ସହ ସଂଯୋଜକ), ଡ. ରବିତା ପାଠକ (ସହକାରୀ ପ୍ରଫେସର, ଶିକ୍ଷା ବିଭାଗ) ଏବଂ ଡ. ଏଲିସା ମହାନ୍ତି (ସହକାରୀ ପ୍ରଫେସର, ସମାଜବିଜ୍ଞାନ ବିଭାଗ) ପ୍ରଦର୍ଶନୀରେ ସାମିଲ ହୋଇଥିଲେ। ଏହି ଟିମ୍ ଆଇଆଇଟି ମନ୍ତ୍ରୀ, ଓ ସିୟୁଓ ସମେତ ଅନ୍ୟ ଶିକ୍ଷାନୁଷ୍ଠାନର ପ୍ରତିନିଧି, ଗଣମାଧ୍ୟମ କର୍ମଚାରୀ, ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଗବେଷଣା ପ୍ରୟାସ ଏହି ପ୍ରଦର୍ଶନୀରେ ମୁଖ୍ୟ ଲକ୍ଷ୍ୟ ଥିଲା। କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମରେ ସିୟୁଓ ପକ୍ଷରୁ ଆୟୋଜିତ 'ସାକ୍ଷରତା ଅଭିଯାନ' ଏହି କାର୍ଯ୍ୟକ୍ରମରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ବିବେଚନା କରାଯାଇଥିଲା। ଏହାବ୍ୟତୀତ ହଷ୍ଟେଲ ବୋର୍ଡର୍ସଙ୍କ ପାଇଁ ଆର୍ଥିକ ସହାୟତା ଯୋଜନା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହା ସାମାଜିକ-ଅର୍ଥନୈତିକ ଅନଗ୍ରସର ପୃଷ୍ଠଭୂମିର ଛାତ୍ରୀଛାତ୍ରୀଙ୍କୁ ଫି ଛାଡ଼ ପ୍ରଦାନ କରେ। ସିୟୁଓର ଏହି ମଡେଲକୁ ଅନ୍ୟ ଅନୁଷ୍ଠାନରେ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା ହୋଇଥିଲା। । କୁଳପତି ପ୍ରଫେସର ତ୍ରିପାଠୀ ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ସମୁଦାୟ ଏବଂ ସମସ୍ତ ଅଂଶୀଦାରଙ୍କୁ ପ୍ରଶଂସା କରିଥିଲେ।


ଏକ୍ସପୋ-୨୦୨୪ରେ ସିୟୁଓର ଅଂଶଗ୍ରହଣ କରିଥିବା ଡ. ଗୁରଜିତ୍ ସିଂହ ୱାଲିଆ, ଡ. ଜ୍ୟୋତିସ୍ନା ଦତ୍ତ, ଡ. ରବିତା ପାଠକ ଏବଂ ଡ. ଏଲିସା ମହାନ୍ତି।

# ୫୬୯ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

- ଜିଲାରେ ପ୍ରାକ୍ ଶିକ୍ଷା ବ୍ୟବସ୍ଥା ବାଟବଣା
- ୪୯ କେନ୍ଦ୍ର ଜରାଜୀର୍ଣ୍ଣ, ୪୭ ଅସୁରକ୍ଷିତ ଅବସ୍ଥାରେ ରହିଛି
- ବାରଣ୍ଡାରେ ପଢୁଛନ୍ତି ପିଲା

ରାୟଗଡ଼ା, ୨୧।୭ (ଭାଗ୍ୟଶ୍ରୀ ମିଶ୍ର )

ଶିଶୁଙ୍କ ବିକାଶ ପାଇଁ ପ୍ରାକ୍‌ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ରାୟଗଡା ଜିଲାରେ ପ୍ରାକ୍ ଶିକ୍ଷା ବ୍ୟବସ୍ଥା ବାଟବଣା ହୋଇଥିବା ଅଭିଯୋଗ ହୋଇଛି । ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ଅଭାବ ଯୋଗୁ ସୁଧୁରୁନି ପ୍ରାକ୍ ଶିକ୍ଷା ବ୍ୟବସ୍ଥା। ଜିଲାରେ କେଉଁଠି ଅଙ୍ଗନୱାଡି କେନ୍ଦ୍ର ଥିଲେ ବି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ତ ଆଉ କେଉଁଠି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେହିପରି ଆଉ କେଉଁଠି ଅଙ୍ଗନୱାଡି ଗୃହ ଥିଲେ ମଧ୍ୟ ରୋଷେଇଘର ବ୍ୟବସ୍ଥା ନାହିଁ। ଫଳରେ ବର୍ଷା ଓ ଖରାରେ ବାହାରେ ରୋଷେଇ କରି ପିଲାଙ୍କୁ ଖାଇବାକୁ ଦିଆଯାଉଥିବା ଅଭିଯୋଗ ହେଉଛି। ତେବେ ଜିଲାରେ ଅଧିକାଂଶ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଶିଶୁଙ୍କ ପ୍ରାକ୍ ଶିକ୍ଷା ପରିଚାଳନାରେ ସମସ୍ୟା ହେଉଥିବା ଅଙ୍ଗନୱାଡି କର୍ମୀ ଅଭିଯୋଗ କରିଛନ୍ତି। ଫଳରେ ଖରା ହେଉ କି ବର୍ଷା ପିଲାଙ୍କୁ ଅନୱାଡି କର୍ମୀଙ୍କ ଘର ବାରଣ୍ଡା କିମ୍ବା ଗ୍ରାମବାସୀଙ୍କ ବାରଣ୍ଡାରେ ପଢ଼ାଇବାକୁ ବାଧ୍ୟ ହେଉଥିବା କହିଛନ୍ତି।

ଜିଲାରେ ବର୍ତ୍ତମାନ ୨୦୮୨ ଅଙ୍ଗନୱାଡି କେନ୍ଦ୍ର ରହିଛି । ସେଥିମଧ୍ୟରୁ କେବଳ ୧୫୧୩ଟି କେନ୍ଦ୍ରର ନିଜସ୍ୱ ଗୃହ ରହିଛି । ବଳକା ୫୬୯ର ନିଜସ୍ୱ ଗୃହ ନାହିଁ । ସେହିପରି ୧୮୦୭ଟି କେନ୍ଦ୍ରର କୋଠା ନିର୍ମାଣ ପାଇଁ ବିଭଗ ପକ୍ଷରୁ ଅନୁମୋଦନ ଦିଆଯାଇଥିଲେ ସୁଦ୍ଧା କେଉଁଠି କାମ ଆରମ୍ଭ ହୋଇଛି ତ ଆଉ କେଉଁଠି ଅଧାପନ୍ତରିଆ ହୋଇ ପଡିରହିଛି। ପ୍ରତି ବ୍ଲକ୍‌ରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଚାଳନା ଦାୟିତ୍ୱ ବିଡିଓଙ୍କୁ ହସ୍ତାନ୍ତର କରାଯାଇଛି । ସେହିପରି ଜିଲାର ନିଜସ୍ୱ ଅଙ୍ଗନୱାଡି କେନ୍ଦ୍ର ଥିବା ଗୃହରୁ ଗୁଡାରିରେ ୬, ଗୁଣପୁରରେ ୧୯, କଲ୍ୟାଣସିଂପୁରରେ ୫, କୋଲନରାରେ ୮, ମୁନିଗୁଡାରେ ୩, ପଦ୍ମପୁରରେ ୫ ଏବଂ ରାୟଗଡ଼ାରେ ୩ଟି କେନ୍ଦ୍ର ସର୍ବମୋଟ ୪୯ କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଜଣାପଡିଛି। ସେହିପରି ଅସୁରକ୍ଷିତ ଭାବେ ୪୭ଟି କେନ୍ଦ୍ର ରହିଛି। ଯାହାକୁ ନେଇ ଚିନ୍ତାରେ ରହିଛି ବିଭାଗ । ଏପରି ସ୍ଥଳେ କେବଳ ୭୧୪ଟି କେନ୍ଦ୍ରରେ ଶୌଚାଳୟ ରହିଛି ଏବଂ ୧୩୭୫ଟି କେନ୍ଦ୍ରରେ ରୋଷେଇ ଗୃହ ରହିଛି । ସେହିପରି ପିଇବା ପାଣିର ବ୍ୟବସ୍ଥା ପାଇଁ ଅଧିକାଂଶ କେନ୍ଦ୍ରରେ ନଳକୂପ ନ ଥିବାରୁ ଅଭିଭାବକମାନେ ନିଜ ପିଲାଙ୍କୁ ଅଙ୍ଗନୱାଡି ଛାଡିବାକୁ ପସନ୍ଦ କରୁ ନ ଥିବା ଦେଖିବାକୁ ମିଳିଛି। ସେହିପରି ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ସହ ଭିତ୍ତିଭୂମି ନ ଥିବାରୁ କେନ୍ଦ୍ରରେ ଟିକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ଶିଶୁଙ୍କ ଓଜନ ମାପ, ପୁଷ୍ଟିକର ଖାଦ୍ୟ ସହ ପ୍ରାକ୍ ଶିକ୍ଷା ବ୍ୟବସ୍ଥା ହେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ଜିଲାରେ ୨୯୪ଟି ଅଙ୍ଗନୱାଡି କେନ୍ଦ୍ରର ଗୃହ କାମ ୨୦୨୦ ମସିହାରୁ ଚାଲୁ ରହିଥିବାରୁ ତାହା ତୁରନ୍ତ ସାରି ହସ୍ତାନ୍ତର କରାଯାଉ। ଏହା ଦ୍ୱାରା ଦୁର୍ଗମ ଅଞ୍ଚଳରେ ପ୍ରାକ୍ ଶିକ୍ଷା ସୁଦୃଢ଼ ହେବା ସହ ଗ୍ରାମାଞ୍ଚଳ ଲୋକେ ଉପକୃତ ହୋଇପାରିବେ ବୋଲି ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ରାୟଗଡା ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟ ସାହୁ କହିଛନ୍ତି । ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିମା ପ୍ରଧାନ କହିଛନ୍ତି, ଆମେ ସରକାରଙ୍କୁ ରିପୋର୍ଟ ଦେଇଛୁ, ସେହି ଅନୁପାତରେ କିଛି କୋଠା ନିର୍ମାଣ ପାଇଁ ସରକାରୀ ଅନୁମୋଦନ ମିଳୁଛି। ହେଲେ କେତେକ ସ୍ଥାନରେ ଜମି ସମସ୍ୟା, ଅନ୍ୟ ସମସ୍ୟା ଯୋଗୁ କାମ ଅଟକି ରହିଥିବା ସେ କହିଛନ୍ତି ।


ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ହେଲ୍ପରଙ୍କ ଘର ବାରଣ୍ଡାରେ ପିଲା ପାଠ ପଢୁଛନ୍ତି ।

# କାଠଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ ଜବତ, ୨ ଗିରଫ

ଟିକିରି,୨୧।୭ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାରିଭଟା ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ କାଠ ଚୋରାଚାଲାଣ ହେଉଥିବାବେଳେ ବନ ବିଭାଗ ଗାଡିକୁ ଜବତ କରିଛି। କାଠ ଚୋରାଚାଲାଣ ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବଡ ମାରିଭଟା ଗ୍ରାମର ଗୋପାଳ ଚନ୍ଦ୍ର ନାଏକ ଏବଂ ପଞ୍ଚାଲି ଗ୍ରାମର ସୁଶାନ୍ତ ଟାକିରି।

ଲେଲିଗୁମା ସଂରକ୍ଷିତ ଜଙ୍ଗଲ ଏରିଆ ମଧ୍ୟରେ କିଚିଖାଲ ଗ୍ରାମରୁ ମାରିଭଟା ଗ୍ରାମକୁ ଯିବା ରାସ୍ତାରେ ସାଇଜ କାଠ ବୋଝେଇ ହୋଇ ଏକ ବୋଲେରୋ ପିକଅପ୍ ଭ୍ୟାନ୍‌ରେ ବେଆଇନ ଭାବେ ଚାଲାଣ କରାଯାଉଥିଲା। ବନ ବିଭାଗ ପକ୍ଷରୁ ଶନିବାର ରାତିରେ ପାଟ୍ରୋଲିଂ ବେଳେ ମାରିଭଟା ନିକଟରେ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। କାଠ ଭର୍ତ୍ତି ହୋଇଥିବା ଦେଖି ଗାଡିରେ ବସିଥିବା ୨ ଜଣଙ୍କୁ ଗିରଫ କରାଯାଇଥିଲା। ଟିକିରି ରେଞ୍ଜର ଅନିଲ ପାଣିଗ୍ରାହୀଙ୍କ ନେତୃତ୍ୱରେ ପାଟ୍ରୋଲିଂ ସମୟରେ ଲେଲିଗୁମା ଫରେଷ୍ଟର ୟେରକାନ ଶବର, ଶଙ୍କରଅଡା ଫରେଷ୍ଟର ଗୌତମ କୁମାର ପଣ୍ଡା ଓ ବନରକ୍ଷୀ ଖଗ ମାଝି, ଜଗତମୋହନ ସାହୁ ଓ ରେଞ୍ଜ ସ୍କ୍ୱାଡ୍ କର୍ମଚାରୀ, ମହିଳା ବନରକ୍ଷୀ ସବିତା କୁଟ୍ରୁକା ସାମିଲ ଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ରେଞ୍ଜର ପାଣିଗ୍ରାହୀ କହିଛନ୍ତି।


ଜବତ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍।

# 'ଅଙ୍ଗନୱାଡି କର୍ମୀଙ୍କ ପ୍ରତି ହେଉଥିବା ଅନ୍ୟାୟ ବରଦାସ୍ତ କରାଯିବନି'

ଗୁଡ଼ାରି,୨୧।୭ (ପ୍ରମୋଦ କୁମାର ପତି )

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ଗୁଡ଼ାରି ବ୍ଲକ ଶାଖାର ଏକ ବୈଠକ ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୁଡ଼ାରି ବ୍ଲକ ସଭାନେତ୍ରୀ ରମା ବାଉରୀଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଜିଲା ସମ୍ପାଦକ ଗଣେଶ କୁମାର ସାହୁ , ଅଲ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନର ରାୟଗଡ଼ା ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ଜିଲା ସମ୍ପାଦିକା ଉଷାରାଣୀ ଦାଶ ଯୋଗଦେଇଥିଲେ। ସରକାରଙ୍କ ଯୋଜନାକୁ ସଫଳ କରିବାରେ ଏବଂ ଶିଶୁ ଓ ମା'ମୃତ୍ୟୁହାର କମାଇବାରେ ମୁଖ୍ୟ ଭୂମିକା ନେଉଥିବା ଅଙ୍ଗନୱାଡ଼ି କର୍ମୀଙ୍କ ଦୀର୍ଘ ଦିନର ଦାବି ପୂରଣ କରିବା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଏବଂ ଅଣଦେଖାକୁ ତୁରନ୍ତ ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କଠାରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କ ପାଇଁ ଥିବା ସମସ୍ତ ସୁବିଧା ଯୋଗାଇଦେବା ଉପରେ ଜିଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା । ଉକ୍ତ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ଦିନରେ ଭାରତୀୟ ମଜଦୁର ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଶ୍ରମିକ ନେତା ଯୋଗେଶ୍ୱର କହିଥିଲେ । ଉକ୍ତ ବୈଠକକୁ ସମ୍ପାଦିକା ମୋହିନୀ ପାଲାକା, ଶୈଳେନ୍ଦ୍ରୀ ସବର, ବନଜା ଗମାଙ୍ଗ, ରାଜେଶ୍ୱରୀ ଗାଣ୍ଟା, ମମତା ବୀରଦଳାଇ, ନଳୀନି ଶବର ପରିଚାଳନା କରିଥିଲେ। ବୈଠକରେ ଗୁଡ଼ାରୀ ବ୍ଲକର ସମସ୍ତ କର୍ମୀ ଏବଂ ସହାୟିକା ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଅତିଥି ବୃନ୍ଦ।



ଗୁରୁପୂର୍ଣ୍ଣିମା ଅବସରରେ ରାୟଗଡ଼ା ରେଲୱେ କଲୋନୀସ୍ଥିତ ଶିରିଡି ସାଇବାବାଙ୍କ ମନ୍ଦିରରେ ପୂଜକ ପୂଜାର୍ଚ୍ଚନା କରୁଛନ୍ତି। ଶ୍ରଦ୍ଧାଳୁମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି। (ଫଟୋ– ଆଶିଷ ରଞ୍ଜନ ପଣ୍ଡା)

# ଭେଟେରାନ ସୋଲଜର୍ସ ଆସୋସିଏଶନ ବୈଠକ


ବୈଠକରେ ମଞ୍ଚାସୀନ ଅତିଥିମାନେ।

ରାୟଗଡା,୨୧।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଭେଟେରାନ ସୋଲଜର୍ସ ଆସୋସିଏଶନ ପକ୍ଷରୁ ଏକ ସାଧାରଣ ସଭା ସ୍ଥାନୀୟ ଗୌତମ ନଗରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିବ ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ଆଜାଦ ହିନ୍ଦ ୟୁଥ ଆସୋସିଏଶନ ଉପସଭାପତି ନୀଳମଣି ପାଙ୍ଗଯୋଶୀ ଯୋଗଦେଇ ବୀର ସୈନିକମାନଙ୍କ ଦେଶ ପାଇଁ ଉତ୍ସର୍ଗୀକୃତ ଅବଦାନ ବିଷୟରେ କହିଥିଲେ। ସାଧାରଣ ସମ୍ପାଦକ ସୁରଜିତ ହୋତା ଅନୁଷ୍ଠାନର ଆଗାମୀ କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟଙ୍କ ମଧ୍ୟରେ ଆଶୋକ କୁମାର ମିଶ୍ର, ପଙ୍କଜ ମଣ୍ଡଳ, ନାଗାର୍ଜୁନ ରାଓ, ଜେ କେ ପ୍ରଧାନ, ସୁଧୀର ପାଣିଗ୍ରାହୀ, କ୍ରିଷ୍ଣା ରାଓ, ଲମ୍ବୋଦର ପାଣିଗ୍ରାହୀ, କିଶୋର ଚନ୍ଦ୍ର କର, ଭାସ୍କର ବେହେରା, ଆର୍‌କେ ରଥ ଓ ଅମୂଲ୍ୟ ହୋତା ଉପସ୍ଥିତ ଥିଲେ ।

# ଅନୁସୂଚିତ ଜାତି, ଜନଜାତି ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

ଚନ୍ଦ୍ରପୁର, ୨୧।୭ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ରବିବାର ବ୍ଲକ୍‌ସ୍ତରୀୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ କାର୍ଯ୍ୟରତ ଶିକ୍ଷକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ମୌଳିକ ଅଧିକାର ଏବଂ ସମସ୍ତ ରହିଥିବା ସୁବିଧା ସୁଯୋଗର ସମାଧାନ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ବିଭିନ୍ନ ସମୟରେ ଏସସି, ଏସ୍‌ଟି ବିଭାଗ କିଭଳି ସେମାନଙ୍କ ନାଯ୍ୟ ଦାବିଗୁଡିକ ସାମ୍ବିଧାନିକ ନିୟମ ନୁସାରେ ପୂରଣ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ବିସିକେଶନ ବାଗ, ମୁଖ୍ୟବକ୍ତା ଭାବେ ବିଭୀଷଣ ଚିନ୍ତୁଆନ ଯୋଗ ଦେଇଥିଲେ। ଏହି ଅବସରରେ ଏସସି, ଏସ୍‌ଟ ସମ୍ପ୍ରଦାୟ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ନୂତନ ସଭାପତି ଭାବେ ଗଙ୍ଗାଧର ଗୋଗେରେଙ୍ଗା, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ମିଶାଲ, ସାଧାରଣ ସମ୍ପାଦକ ମାଳି ଜୁନାକା, ଯୁଗ୍ମ ସମ୍ପାଦକ ଭାବେ ରାଜେଶ୍ୱର ଶବରଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଶିକ୍ଷକ ସଂଘର ସଭାପତି ଆନନ୍ଦ ତାଡିଙ୍ଗି ପରିଚାଳନା କରିଥିଲେ। ଏଥିରେ ଚନ୍ଦ୍ରପୁର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ଜୁନା କୁମାର ମାଝୀ, ଜନାର୍ଦ୍ଦନ ଶବର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଚନ୍ଦ୍ରପୁର ଏସ୍‌ସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ ଧନ୍ୟବାଦ ଦେଇଥିଲେ।


ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତା।

# ମତଭେଦ ଭୁଲି ରାଷ୍ଟ୍ରର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ

## ଆରଏସ୍‌ଏସ୍ ତରଫରୁ ଗୁରୁଦକ୍ଷିଣା ଉତ୍ସବ

ମୁନିଗୁଡ଼ା,୨୧।୭ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ପ୍ରଭାତ ଶାଖା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ରବିବାର ଗୁରୁଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ମଣ୍ଡପ ପରିସରରେ ଜିଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ରାମକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଏବଂ ଖଣ୍ଡ ବୌଦ୍ଧିକ ପ୍ରମୁଖ ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଭୀମ ବେହେରା, ମୁଖ୍ୟବକ୍ତା ଖବରଦାତା ମନୋରଞ୍ଜନ ଦଳାଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଭାତ ଶାଖାର ମୁଖ୍ୟ ଶିକ୍ଷକ ସୋମନାଥ ପାଣିଗ୍ରାହୀ ଓ ପାର୍ଥାନା ପ୍ରମୁଖ ନୀଳମାଧବ ସାଥୁଆ ଗୈରିକ ଧ୍ୱଜ ରୋପଣ, ସଂଘ କାର୍ଯ୍ୟ ପରିଚାଳନା ଓ ସଂଘ ପାର୍ଥନା ଗାନ କରିଥିଲେ। ପରେ ଗୁରୁ ଦକ୍ଷିଣା ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ବୈଦିକ ଯୁଗରୁ ଗୁରୁ ଶିଷ୍ୟ ପରମ୍ପରା ଠାରୁ ଆରମ୍ଭ କରି ଚାରିଯୁଗରେ ଗୁରୁ ଶିଷ୍ୟର ମହନୀୟତା ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ହିନ୍ଦୁ ନିଜ ନିଜ ମଧ୍ୟରେ ମତଭେଦ ଭୁଲି ରାଷ୍ଟ୍ର ଓ ଧର୍ମର ସୁରକ୍ଷା ପାଇଁ ସମର୍ପିତ ଭାବେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଆନନ୍ଦ ଚୌଧୁରୀ, ଉମାକାନ୍ତ ବେରଦଳେଇ, ବି.ଉମାଶଙ୍କର ପାତ୍ର, ଦିବାକର ବେହେରା, ଅଶ୍ୱିନୀ ବାରିକ, ଗଣେଶ ସେଠୀ, ବୀରଭଦ୍ର ଆଚାରୀ, ସୁରେନ୍ଦ୍ର ମଲ୍ଲିକ, ସନ୍ଧ୍ୟାରାଣୀ ମଲ୍ଲିକ, ଶ୍ୱେତ ଦାସ,ସୁନ୍ଦର ରାଜୁ, ଧନୁ କୁଶୁଲିଆ, ଅଜିତ ମହାରଣା,ସୀମାଞ୍ଚଳ ମହାରଣା ପ୍ରମୁଖ ୪୫ଜଣ ସ୍ୱୟଂ ସେବକ ଉପସ୍ଥିତ ରହି ଗୁରୁ ପୂଜନ କରିବା ସହ ଯଥାସାଧ୍ୟ ଗୁରୁ ଦକ୍ଷିଣା ସମର୍ପଣ କରିଥିଲେ।


ଗୁରୁଦକ୍ଷିଣା ଉତ୍ସବରେ ଯୋଗଦେଇଥିବା ଆରଏସ୍‌ଏସ୍ କର୍ମକର୍ତ୍ତା ଓ ଅନ୍ୟମାନେ ।

# ବାଇକ୍ ଚୋରି ର୍ୟାକେଟ୍ ଠାବ, ୪ ଗାଡ଼ି ଉଦ୍ଧାର

## ୨ ନାବାଳକଙ୍କ ସହ ୩ ଜଣଙ୍କୁ କାବୁ କଲା ପୋଲିସ

ଗୁଣପୁର,୨୧।୭(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ପୋଲିସ ଏକ ବାଇକ୍ ଚୋରି ର୍ୟାକେଟ ଠାବ କରିଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ ନାବାଳକ ସମେତ ୩ ଜଣଙ୍କୁ କାବୁ କରବା ସହ ସେମାନଙ୍କ ନିକଟରୁ ୪ଟି ଚୋରି ବାଇକ୍ ଜବତ କରିଛି। ଏ ନେଇ ରବିବାର ଗୁଣପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବାବୁଲି ନାୟକ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କୁନାଲ ମିଶାଲ ଏବଂ ତାଙ୍କ ଘର ଆମ୍ବେଦକର ନଗର ଅଞ୍ଚଳରେ। ସେହିପରି ଅନ୍ୟ ୨ ଜଣ ନାବାଳକ ମଧ୍ୟ ଗୁଣପୁର ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି।

ଏମଭି ଚେକିଂ ବେଳେ ପୋଲିସ ସନ୍ଦେହରେ ଅଭିଯୁକ୍ତ କୁନାଲଙ୍କ ଗାଡିକୁ ଅଟକ ରଖି ପଚରାଉଚରା କରିଥିଲା। କୁନାଲ ନିଜ ଗାଡି ବୋଲି କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପୋଲିସ ଏକ ଟିମ ଗଠନ କରି ଏ ନେଇ ଖୋଳତାଡ କରିବା ପରେ ୪ଟି ବାଇକ ଉଦ୍ଧାର କରିଥିଲେ। ଦୁଇଟି ବାଇକ ଗୁଣପୁର ଅଞ୍ଚଳର ହୋଇଥିବାବେଳେ ଅନ୍ୟ ଦୁଇଟି ବାଇକ ପାରଳାଖେମୁଣ୍ଡି ଏବଂ ବିଶାଖାପାଟଣାର ବୋଲି ଜଣାପଡିଥିଲା। ୩ ଜଣ ମିଶି ବିଭିନ୍ନ ଅଞ୍ଚଳରୁ ୪ଟି ବାଇକ ଚୋରି କରିଥିଲେ। ଜୁନ ୩ରେ ସେମାନେ ବିଶାଖାପାଟଣା ଯାଇ ୟାମାହା ଗାଡି ଏବଂ ସେହି ମାସ ୧୭ ତାରିଖରେ ପାରଳାଖେମୁଣ୍ଡି ଯାଇ ଆପାଚି ଗାଡି ଚୋରି କରିଥିଲେ । ଜୁଲାଇ ୧୬ରେ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିନୋଦ କୁମାର ଗମାଙ୍ଗଙ୍କ ଆପାଚି ଗାଡି ଚୋରି କରିଥିଲେ। ସେହିପରି ସେହି ମାସ ୧୫ ତାରିଖରେ ଗୁଣପୁର ସହର ଲକ୍ଷ୍ମଣ ଢେପ ଅଞ୍ଚଳକୁ ଯାଇ ଭି.ସନ୍ତୋଷଙ୍କ ୟାମାହା ଗାଡି ଚୋରି କରି ତାହାକୁ ଗୁଡାରିର ଅବିନାଶ ଲିମାଙ୍କୁ ୮ହଜାର ଟଙ୍କାରେ ବନ୍ଧକ ରଖି ସମାନ ଭାବରେ ୩ ଜଣଙ୍କ ମଧ୍ୟରେ ବାଣ୍ଟି ନେଇଥିବା ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଉତ୍ତମ କୁମାର ସାହୁଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ଉପସ୍ଥିତିରେ ପୋଲିସ ଏବଂ ଜବତ ୪ ବାଇକ।

# ମାଲକାନଗିରି ଜିଲାରେ ବର୍ଷା ସ୍ଥିତି ନେଇ ଜିଲାପାଳଙ୍କ ସମୀକ୍ଷା

ମାଲକାନଗିରି, ୨୧।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଲଘୁଚାପ ଜନିତ ବର୍ଷା ହେବା ଫଳରେ ୩ ଦିନ ମଧ୍ୟରେ ଜିଲାର ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ପୋଲ ଉପରେ ୫ ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଛି। ଶୁକ୍ରବାର ରାତିରେ ବର୍ଷା ପରିମାଣ କିଛିଟା କମିବା ପରେ ପ୍ରଶାସନ ତରଫରୁ ସ୍ଥିତି ଅନୁଧ୍ୟାନ କରାଯାଇଛି। ରବିବାର ଜିଲାପାଳ ସଚ୍ଚିନ ପାୱାର ଏକ ଖବରଦାତା ସମ୍ମିଳନୀରେ ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଜିଲାରେ ଗତ ୩ ଦିନ ଧରି ପ୍ରବଳ ବର୍ଷା ହେବା ଯୋଗୁ ଏମ୍‌ଭି ୯୦, ଏମ୍‌ଭି ୯୬, କାଙ୍ଗୁରୁକୋଣ୍ଡା, ପୋଟେରୁ, କନ୍ୟାଶ୍ରମ ଓ ପାଙ୍ଗାମ ଆଦି ନଦୀର ଜଳସ୍ତର ବୃଦ୍ଧି ପାଇ ପୋଲ ଉପରେ ୫ ଫୁଟ ଉପରେ ଜଳ ପ୍ରବାହିତ ହେଉଥିଲା। ଫଳରେ ସମସ୍ତ ନଦୀର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାର ଯାନବାହନ ଅଟକି ରହିବା ସହ ମାଲକାନଗିରି ଜିଲା ଏକ



ଜିଲାପାଳ ସ୍ଥିତ ସମ୍ପର୍କରେ ସୂଚନା ଦେଉଛନ୍ତି ।

ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିଲା। ତେବେ ଶୁକ୍ରବାର ରାତି ବର୍ଷା ପରିମାଣ କିଛିଟା କମ୍ ହେଲା ପରେ ରବିବାର ସକାଳେ ପୋଟେରୁ, ଏମ୍‌ଭି ୯୦, କାଙ୍ଗୁରୁକୋଣ୍ଡା, କନ୍ୟାଶ୍ରମ ଓ ପାଙ୍ଗାମ ନଦୀ ପୋଲ ଉପରେ ଜଳସ୍ରୋତ କମିଛି। ଫଳରେ ଯାତାୟାତ ସ୍ୱାଭାବିକ ହୋଇଛି।

କିନ୍ତୁ ଏମ୍‌ଭି ୯୬ ପୋଲ ଉପରେ ଜଳ କିଛିଟା କମିଥିବା ବେଳେ ଏବେ ମଧ୍ୟ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ଜିଲାର ୭ ବ୍ଲକ, ୧୧୧ ପଞ୍ଚାୟତ ଓ ୧୦୪୫ ଗ୍ରାମରେ ବର୍ଷାର ପ୍ରଭାବ ଦେଖା ଦେଇଥିବା ବେଳେ ସେଥିରୁ ଜିଲାରେ ୧୨୧ ଜଣ ପ୍ରଭାବିତ ହୋଇଛନ୍ତି । ଏମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଏଥିସହ ସମସ୍ତଙ୍କୁ ରହିବା, ଖାଦ୍ୟପେୟ ସୁବିଧା ଯୋଗାଇ ଦିଆଯାଇଛି। ସେହିପରି ଜିଲାରେ କଚ୍ଚାଘର ଥିବା ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ସେହିପରି ତିନୋଟି ସ୍ଥାନରେ ଅସ୍ଥାୟୀ ଆଶ୍ରୟସ୍ଥଳୀ କରାଯାଇ ସମସ୍ତଙ୍କୁ ରହିବା ପାଇଁ ସୁବିଧା କରାଯାଇଛି। ଅନ୍ୟପକ୍ଷରେ ଜିଲାରେ କେତେକଙ୍କ ଚାଷ ଜମି ନଷ୍ଟ ହୋଇଛି, କେତୋଟି ଘର ଭାଙ୍ଗିଛି, କେଉଁ କେଉଁ ବ୍ୟକ୍ତିଙ୍କ କ'ଣ କ୍ଷତି ହୋଇଛି ସେ ସମ୍ବନ୍ଧରେ ବିଡିଓମାନେ ତଦାରଖ କରୁଛନ୍ତି। ତଦାରଖ ପରେ ଏହାର ଏକ ତାଲିକା ପ୍ରସ୍ତୁତ କରି ସମସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି ।

## ଜଙ୍ଗଲକୁ ଯାଇ ବୃଦ୍ଧ ନିଖୋଜ ଅଭିଯୋଗ

ବୁଗୁଡା,୨୧।୭(କାଳିଚରଣଦାଶ)

ବୁଗୁଡ଼ା ଥାନା ଅଧୀନ ଟଭାପଲ୍ଲୀ ଗ୍ରାମ ହରିଜନ ସାହିର ଅନ୍ତରା ନାୟକ(୬୫) ଗୁରୁବାର ଜଙ୍ଗଲକୁ ଯାଇ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ୩ ଦିନ ବିତିଯାଇଥିଲେ ବି ଅନ୍ତରାଙ୍କ ପତ୍ତା ମଳିନଥିବାରୁ ରବିବାର ତାଙ୍କ ସ୍ତ୍ରୀ ଓ ସାହିବାସୀନ୍ଦା ଥାନା ସମ୍ମୁଖରେ ବସି ହୋହଲ୍ଲା କରିଛନ୍ତି। ଅନ୍ତରା ଜଙ୍ଗଲରୁ କାଠ ସଂଗ୍ରହ ଏବଂ ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ। ସେ ଗୁରୁବାର କାଠ ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ଯାଇଥିଲେ ହେଁ ଘରକୁ ଆଉ ଫେରି ନଥିଲେ। ପରିବାର ଲୋକେ ସାହିବାସିନ୍ଦାଙ୍କ ସହ ମିଶି ଜଙ୍ଗଲରେ ବହୁତ ଖୋଜାଖୋଜି ପରେ ରାସ୍ତାରେ ଅନ୍ତରା ସାଥିରେ ନେଇଥିବା ଖାଦ୍ୟ ଏବଂ ହାତରେ ଧରିଥିବା ବାଡିଟି ପଡିଥିବାର ଦେଖିବାକୁ ପାଇଥିଲେ। ଫଳରେ ଅନ୍ତରା ହିଂସ୍ରଜନ୍ତୁଙ୍କ ଆକ୍ରମଣ କିମ୍ବା ଅନ୍ୟ କୌଣସି ଅପ୍ରତ୍ୟାଶିତ ଘଟଣାର ଶିକାର ହୋଇଥିବାର ନେଇ ପରିବାର ପକ୍ଷରୁ ସନ୍ଦେହ କରାଯାଇଥିଲା। ଏ ନେଇ ପରିବାର ପକ୍ଷରୁ ବୁଗୁଡା ଥାନାରେ ଅଭିଯୋଗ କରାଯାଇଥିଲେ। ହେଲେ ଉକ୍ତ ଘଟଣାକୁ ତିନି ଦିନ ବିତିଯାଇଥିଲେ ସୁଦ୍ଧା ଅନ୍ତରାଙ୍କ କୌଣସି ପତ୍ତା ମିଳି ନଥିବାରୁ ତାଙ୍କର ସ୍ତ୍ରୀ ଥାନା ଆଗରେ ପାଟି କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ପୋଲିସ ନିଖୋଜ କେସ ନଂ ୪୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି।

## ଘର ଉପରେ ପଡ଼ିଲା ଗଛ



ଘର ଉପରେ ପଡ଼ିଥିବା ଗଛକୁ ଅଗ୍ନିଶମ କର୍ମଚାରୀମାନେ କାଟୁଛନ୍ତି ।

ମାଥିଲି, ୨୧।୭(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ମେକା ପଞ୍ଚାୟତ ଦାମାପଡ଼ାର ସୁବାସ ଅନୁଗୁଳିଆଙ୍କ ଘର ଉପରେ ଏକ ବିରାଟ ଗଛ ଶନିବାର ଉପୁଡି ପଡିଛି। ଲଗାଣ ବର୍ଷାରେ ଗଛଟି ଘର ଉପରେ ପଡିଯାଇଥିବା ବେଳେ ଅଳ୍ପକେ ବର୍ତ୍ତିଛନ୍ତି ପରିବାର ଲୋକେ। ରାତିରେ ଗଛଟି ଘର ଉପରେ ପଡିଯିବାରୁ ପରିବାର ଲୋକେ ଭୟଭୀତ ହୋଇ ବାହାରେ ଆଶ୍ରୟ ନେଇଥିଲେ। ତେବେ ସୁବାସଙ୍କ ପରିବାର ଲୋକେ ବିପଦରେ ପଡ଼ିଥିବାରୁ ତାଙ୍କୁ ସାହାଯ୍ୟ ଯୋଗାଇବା ନିମନ୍ତେ ମେକା ସରପଞ୍ଚ ରଞ୍ଜିତା ପୂଜାରୀଙ୍କୁ ଗ୍ରାମବାସୀ ଜଣାଇଛନ୍ତି। ପୂଜାରୀ ଅଗ୍ନିଶମ ବିଭାଗକୁ ଖବର ଦେବାସହ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତୁରନ୍ତ ସହଯୋଗର ହାତ ବଢାଇ ଥିବାରୁ ସରପଞ୍ଚ ପୂଜାରୀଙ୍କୁ ପ୍ରଶଂସା କରିବା ସହିତ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି । ବର୍ଷା ପାଣି ଯୋଗୁ ଲୋକେ ବହୁତ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଷୀମାନେ ମଧ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଣି ଭର୍ତ୍ତି ହୋଇ ଚାଷ ଜମିର ହିଡ଼ ଭାଙ୍ଗି ଯାଇଛି । କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରତି ସରକାର ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଲୋକେ ଦାବି କରିଛନ୍ତି।

## ଟଙ୍କା ଫେରାଇବାକୁ କହିବାରୁ ପିଟିଲେ

### ପରିବାରର ୪ ଜଣଙ୍କୁ ଆକ୍ରମଣ

ବେଲଗୁଣ୍ଠା,୨୧।୭ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗୀ ଗ୍ରାମରେ ଗୋଟିଏ ପରିବାରର ୪ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନେ ହେଲେ ତ୍ରିନାଥ ନାୟକ, ସ୍ତ୍ରୀ ସୁଦେଷ୍ଣା ନାୟକ, ଝିଅ ଲିସା ନାୟକ ଏବଂ ପୁଅ ମହେଶ୍ୱର ନାୟକ। ଗାଙ୍ଗପୁର ଥାନାରେ ୩୧୪/୨୪ ରେ ଏକ ମାମଲା ରୁଜୁ ହେବା ସହିତ ପୋଲିସ ଆକ୍ରମଣ ଘଟଣାରେ ସଂପୃକ୍ତ ୫ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଲାଠିପଡ଼ା ଗ୍ରାମର କୃଷ୍ଣ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ତାପସ ସ୍ୱାଇଁ, ନାରାୟଣ ପଗଡ ଏବଂ ପ୍ରବଚନ ସ୍ୱାଇଁ। ସୂଚନା ପ୍ରକାରେ, ଗତବର୍ଷ ଲାଠିପଡ଼ା ଗ୍ରାମର କୃଷ୍ଣ ସ୍ୱାଇଁଙ୍କ ପାଇଁ ୧୦ଲକ୍ଷ ଟଙ୍କାର ଋଣ କରାଇଦେବା ପାଇଁ କୁଲାଙ୍ଗୀ ଗ୍ରାମର ତ୍ରିନାଥ ନାୟକ ୫୦୦୦ ଟଙ୍କା ନେଇଥିଲା। କିନ୍ତୁ ବର୍ଷେ ବିତିଯାଇଥିଲେ ମଧ୍ୟ କୃଷ୍ଣଙ୍କ ପାଇଁ ଏହି ଋଣ କରାଇଦେଇ ନ ଥିଲେ। ତେଣୁ ତ୍ରିନାଥ ନେଇଥିବା ୫ ହଜାର ଟଙ୍କା ଫେରାଇବାକୁ କୃଷ୍ଣ କହିଥିଲେ। ତ୍ରିନାଥ ଟଙ୍କା ନ ଫେରାଇବାରୁ ଗତ ମାସରେ କୃଷ୍ଣ ତାଙ୍କୁ ଗାଳିଗୁଲଜ କରିଥିଲେ। ଶନିବାର କୃଷ୍ଣ ଭଞ୍ଜନଗରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ତ୍ରିନାଥ କୃଷ୍ଣଙ୍କ ଗାଡ଼ି ଅଟକାଇ ପଇସା ମାଗିବାରୁ ସେ ପରେ ଦେବ କହି ଚାଲିଯାଇଥିଲା । ରାତି ୯ଟା ସମୟରେ ତ୍ରିନାଥ ଖାଇବସିଥିବା ବେଳେ କୃଷ୍ଣ ନିଜ ପୁଅମାନଙ୍କ ସହିତ ପରିବାରର ୪ଜଣ ସଦସ୍ୟଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଗୁରୁତର ଆହତମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା।

## ମାଥିଲି-ମହୁପଦର ମୁଖ୍ୟରାସ୍ତାରେ ଗଛ ପଡ଼ି ଯାତାୟାତ ବନ୍ଦ



ଗଛପଡି ମୁଖ୍ୟ ରାସ୍ତା ଅବରୋଧ ହୋଇଛି ।

ମାଥିଲି,୨୧।୭(ସୁବାସ ଚନ୍ଦ୍ର ଖୁଡୁପିଆ)

ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜିଲା ମାଥିଲି ବ୍ଲକଠାରୁ କିଆଙ୍ଗ ଓ ଛତିଶଗଡ଼କୁ ସଂଯୋଗ କରୁଥିବା କୋରାପଲ୍ଲୀ ଗାଁ ନିକଟରେ ମୁଖ୍ୟ ରାସ୍ତାରେ ଏକ ବିରାଟକାୟ ତେନ୍ତୁଳିଗଛ ରାସ୍ତା ମଝିରେ ଉପୁଡି ପଡ଼ିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଯାତାୟାତ ଲାଗି ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ବ୍ଲକ ବିଜେଡି ସଭାପତି ସାମାଜିକ କର୍ମୀ ସଦାଶିବ ପୂଜାରୀଙ୍କୁ ସ୍ଥାନୀୟ ଗ୍ରାମବାସୀ ଖବର ଦେଇଥିଲେ। ମାଥିଲି ବ୍ଲକ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଫୋନରେ ଜଣାଇବା ସହ ଯଥାଶୀଘ୍ର ଗଛ କାଟିବା ନିମନ୍ତେ ଅନୁରୋଧ କରିଥିଲେ। ପୂର୍ବତନ ବ୍ଲକ ସଭାପତି ଗଛ ପଡିଥିବା ସ୍ଥାନକୁ ଯାଇ ଲୋକମାନେ କିପରି ଭଲରେ ଯାତାୟାତ କରିବେ ସେନେଇ ଗାଁର କେତେକ ଯୁବକଙ୍କୁ ନେଇ ଅନ୍ୟ ରାସ୍ତାଦେଇ ଯିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ଆସି ରାସ୍ତାରୁ ଗଛ କାଟି ହଟାଇ ଥିଲେ ।

## ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍ ଉପରେ ପଡ଼ିଲା ଗଛ

ଗୋବିନ୍ଦପାଲି,୨୧।୭(କାର୍ତ୍ତିକ ରଥ)

ମାଲକାନଗିରି ଜିଲାରେ ଲଗାଣ ବର୍ଷା ଯୋଗୁ ଗୋବିନ୍ଦପାଲି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାନ୍ଥ ଓ ଗେଟ ଉପରେ ଏକ ବିରାଟ କୃଷ୍ଣଚୂଡ଼ା ଗଛ ରବିବାର ଉପୁଡି ପଡିବାରୁ ସକାଳୁ ମେଡିକାଲକୁ ରୋଗୀ ଯିବା ପାଇଁ ରାସ୍ତା ବନ୍ଦ ହେଇଯାଇଛି। ମେଡ଼ିକାଲକୁ ଲାଗି ଏକ ରାସ୍ତା ମଧ୍ୟ ରହିଛି। ଯେଉଁ ରାସ୍ତାଦେଇ ଅନେକ ଲୋକ ନିଜ ନିଜ ଘରକୁ ଯିବା ଆସିବା କରନ୍ତି। ଗଛ ପଡ଼ିବାରୁ ବେହେରା ସାହି ରାସ୍ତା ମଧ୍ୟ

**ଯାତାୟାତରେ ସମସ୍ୟା**

ଅବରୋଧ ହେଇଯାଇଛି। ଫଳରେ ସେହି ଅଞ୍ଚଳର ଲୋକେ ଅନ୍ୟ ରାସ୍ତା ନ ଥିବାରୁ ଘରୁ ବାହାରି ପାରୁ ନାହାନ୍ତି। ଖବର ପାଇବା ପରେ ଖଇରପୁଟ ତହସିଲଦାର ପ୍ରମୋଦ କୁମାର ବେହେରା ମଧ୍ୟାହ୍ନରେ ଖଇରପୁଟ ଅଗ୍ନିସେବା କର୍ମଚାରୀଙ୍କୁ ପଠାଇବା ପରେ ଗଛ କଟା ଯାଇଥିଲା। ଯାତାୟାତ ସାଭାବିକ ହେଲା। ପରିସ୍ଥିତି ଉପରେ ବ୍ଲକ ପ୍ରଶାସନ ବିପର୍ଯ୍ୟୟର ମୁକାବିଲା କରି ଲୋକଙ୍କୁ ସୁରକ୍ଷା ଓ ସେବା ଯୋଗାଇ ଦେବାକୁ ତୀକ୍ଷ୍ଣ ନଜର ରଖିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ବର୍ଷା ଋତୁ ଚାଲିଥିବାରୁ ମ୍ୟାଲେରିଆ,ଝାଡ଼ାବାନ୍ତି ଅନେକ ରୋଗୀ ମାଲକାନଗିରି ଜିଲାର ଗୋବିନ୍ଦପାଲି, ଧୁଙ୍ଗିଆପୁଟ, ଉଦୁଲିବେଡ଼ା, ମାଡକାପଦର୍, ବଡ ଡୁରାଲ ଓ କଦମ୍ବଗୁଡ଼ା ଇତ୍ୟାଦି ପଞ୍ଚାୟତ ଲୋକଙ୍କ ସମେତ ପଡୋଶୀ ଜିଲାର ଟିପାକୁର ଓ କୋଲାର ଇତ୍ୟାଦି ପଞ୍ଚାୟତର ରୋଗୀ ମଧ୍ୟ ଏହି ମେଡିକାଲକୁ ଚିକିତ୍ସା ପାଇଁ ଆସନ୍ତି।

## ଚିତ୍ରକୋଣ୍ଡାର ବିଭିନ୍ନ ଧର୍ମାନୁଷ୍ଠାନରେ ଗୁରୁପୂର୍ଣ୍ଣିମା

ଚିତ୍ରକୋଣ୍ଡା, ୨୧।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ବିଭିନ୍ନ ଧର୍ମାନୁଷ୍ଠାନରେ ରବିବାର ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ସକାଳ ୬ ଟାରୁ ଜୟ ଗଣେଶ କୀର୍ତ୍ତନ, ଗୁରୁସ୍ତୋତ୍ର, ଶାନ୍ତି ପାଠ, ଜପ ଓ ଧ୍ୟାନ କରାଯାଇ,ମହାମନ୍ତ୍ର କୀର୍ତ୍ତନ,ବିଷ୍ଣୁ ସହସ୍ର ନାମ ସ୍ତୋତ୍ର ସମୂହ ପାଠ ଓ ଗୁରୁପାଦ ପୂଜା, ଆରତୀ ଓ ପୁଷ୍ପାଞ୍ଜଳି ସହ ପ୍ରଥମ ଅଧିବେଶନ ପରେ ସତନ୍ତ୍ର ସତସଙ୍ଗ, ସୁନ୍ଦରା କାଣ୍ଡ ପାରାୟଣ କରାଯାଇଥିଲା। ସେହିପରି

**ସତ୍ୟସାଇ ମନ୍ଦିର ପରିସରରେ ଚାରା ରୋପଣ**

ଭଜନ ସମାରୋହ କରାଯାଇ ହରି ଓଁ, ଜୟ ଗୁରୁଦେବ ଅଧିବେଶନରେ ସତନ୍ତ୍ର ଗୁରୁ ପୂର୍ଣ୍ଣିମା ପାଳନର ତାତ୍ତ୍ୱିକ ସାର ମର୍ମର ସ୍ୱାଧ୍ୟାୟ ଭଗବତ ଗୀତା ପାଠ, ଭଜନ କୀର୍ତ୍ତନ କରାଯିବା ସହ ନାରାୟଣ ସେବା କରାଯାଇଥିଲା । ସେଇଭଳି ଆୟାପା ମନ୍ଦିର ଏବଂ ସିରି ମନ୍ଦିର ମିଳିତ ଆନୁକୂଲ୍ୟରେ ଭକ୍ତ ଅନିଲ ଗୁପ୍ତାଙ୍କ ନେତୃତ୍ୱରେ ଏବଂ ସାଥି ଭକ୍ତଙ୍କ ଉପସ୍ଥିତିରେ ଗୁରୁ ପୂର୍ଣମା ପାଳନ କରାଯାଇଥିଲା । ସେଇଭଳି ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଗୁରୁ ପୂର୍ଣମା ଅବସରରେ ବାଲ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଚାରାରୋପଣ କରାଯାଇଥିଲା । ଏଥି ସହିତ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ କେନ୍ଦ୍ର ଓ ସାରସ୍ୱତ ନୀଳାଞ୍ଚଳ ସଂଘ (ନିଗମାନନ୍ଦ ଆଶ୍ରମ) ପରିଷରରେ ଗୁରୁ ପୂର୍ଣମା ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ସକାଳଠାରୁ ଗୁରୁଙ୍କ ପାଦ ପୂଜା, ଗୁରୁ ବନ୍ଦନା, ସତ୍‌ସଙ୍ଗ ଓ ନାମ ସଂକୀର୍ତ୍ତନ ଇତ୍ୟାଦି କାର୍ଯ୍ୟକ୍ରମ ସହିତ କେତେକ ଅନୁଷ୍ଠାନରେ ନାରାୟଣ ସେବା ମାଧ୍ୟମରେ କମ୍ବଳ ଓ ଛତା ବଣ୍ଟନ ହୋଇଥିଲା ।



ଚିତ୍ରକୋଣ୍ଡା ସତ୍ୟସାଇ ମନ୍ଦିର ପରିସରରେ ଚାରା ରୋପଣ ଲାଗି ଉପସ୍ଥିତ ଲୋକେ ।

## ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଚିତ୍ରକୋଣ୍ଡା ବ୍ଲକ ବଡ଼ପଦର ପଞ୍ଚାୟତ ଫୁଲପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ନାଗଭୂଷଣ ଖଣ୍ଡାଗିରିଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ।

ଚିତ୍ରକୋଣ୍ଡା,୨୧।୭(କ୍ଷୀରୋଦ ବେହେରା)

ଚିତ୍ରକୋଣ୍ଡା ବ୍ଲକ ବଡ଼ପଦର ପଞ୍ଚାୟତ ଫୁଲପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ନାଗଭୂଷଣ ଖଣ୍ଡାଗିରିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବଡ଼ପଦର ପଞ୍ଚାୟତର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ନାଗଭୂଷଣଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ସଭାରେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆରଏସ୍‌ସି ୧୧ ନମ୍ବର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ବଡ଼ପଦର ଏଏନ୍‌ଏମ୍ ହେମଲତା ମହାନ୍ତ, ସିଆର୍‌ସିସି ନୀଳାଦ୍ରି କୁମାର ରାଉତ ସାମନ୍ତ ପ୍ରମୁଖ ଯୋଗଦେଇ କଣ୍ଡାଗିରିଙ୍କ ଶିକ୍ଷକ ଜୀବନ ଉପରେ କହିବା ସହ ତାଙ୍କ ପାଠ ପଢାର ଶୈଳୀ ଓ ପିଲାମାନଙ୍କୁ ମଣିଷ କରିବାର ତାଗିଦା ବିଷୟରେ ଆଲୋକପାତ କରିଥିଲେ ।

# ଲଘୁଚାପ ବର୍ଷା: ଦବିଲା ପୋଟେରୁ ନଦୀ ପୋଲ

**ପାଣି କମିବାରୁ ବିଭିନ୍ନ ସ୍ଥାନରେ ଯାତାୟାତ ସ୍ୱାଭାବିକ**

ମାଲକାନଗିରି, ୨୧।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଗତ ତିନିଦିନ ଧରି ଲଘୁଚାପ ବର୍ଷା ଯୋଗୁ ଏମ୍‌ଭି ୯୦, ଏମ୍‌ଭି ୯୬, କାଙ୍ଗୁରୁକୋଣ୍ଡା, କନ୍ୟାଶ୍ରମ, ପାଙ୍ଗାମ ଓ ପୋଟେରୁ ନଦୀରେ ଜଳ ପରିମାଣ ବୃଦ୍ଧି ପାଇ ପୋଲ ଉପରେ ୫ ଫୁଟ୍ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଛି। ଶୁକ୍ରବାର ବର୍ଷାର ପ୍ରଭାବ କିଛିଟା କମିଥିବା ବେଳେ ରବିବାର ଏମ୍‌ଭି ୯୬ ନଦୀ ବ୍ୟତୀତ ଅନ୍ୟ ସମସ୍ତ ନଦୀର ପୋଲ ଉପରେ ବର୍ଷା ଜଳ କମିବାରେ ଲାଗିଛି। ଫଳରେ ଯାତାୟାତ ସ୍ୱାଭାବିକ ହୋଇଛି। ପୋଟେରୁ ନଦୀ ପୋଲର କିଛି ଅଂଶ ବର୍ଷା ଯୋଗୁ ତଳକୁ ଦବି ଯାଇଥିବା ଦେଖିବାକୁ ମିଳିଛି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ରବିବାର ସକାଳ ୮ଟା ସୁଦ୍ଧା ମାଲକାନଗିରି ବ୍ଲକରେ ୨୮.୮ ମିଲିମିଟର ବର୍ଷା ହୋଇଥିବା ବେଳେ ମାଥିଲି ବ୍ଲକରେ ୭୨.୦ ମିମି, ଖଇରପୁଟରେ ୧୦୦ ମି.ମି., ଚିତ୍ରକୋଣ୍ଡାରେ ୬୮.୪ ମି.ମି. କୋରୁକୋଣ୍ଡାରେ ୬୦.୦ ମି.ମି., କାଳିମେଳାରେ ୫୪.୩ ମି.ମି., ପଡିଆ ବ୍ଲକରେ ୫୦.୩ ମି.ମି.ବର୍ଷା ହୋଇଛି। ଜିଲାରେ ମୋଟ ୪୩୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ୬୧.୯୭ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ଅନ୍ୟ ପକ୍ଷରେ ମାଲକାନଗିରି ଜିଲାର ବିଭିନ୍ନ ନଦୀରେ ଜଳସ୍ତର ହ୍ରାସ ପାଇଥିବା ବେଳେ ପ୍ରଶାସନ ତରଫରୁ ଜିଲାର ୭ ବ୍ଲକର ସମସ୍ତ ଗ୍ରାମରେ କେଉଁ କେଉଁ ସ୍ଥାନରେ କ୍ଷତି ହୋଇଛି ତା'ର ଆକଳନ କରାଯାଉଥିବା ଜଣାପଡିଛି। ଆକଳନ ପରେ ସମସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଜିଲାରେ ବର୍ଷା ପ୍ରଭାବିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ସେମାନଙ୍କର ରହିବା, ଖାଦ୍ୟପେୟ ସୁବିଧା ମଧ୍ୟ କରାଯାଇଥିବା ସୂଚନା ଦିଆଯାଇଛି।



ଦବି ଯାଇଥିବା ପୋଟେରୁ ନଦୀ ପୋଲର କିଛି ଅଂଶ ।

# ବର୍ଷାରେ ଭୁଶୁଡ଼ିଲା ରାଇସ୍ ମିଲ୍ ଚାଉଳ ଗୋଦାମ

■ ବର୍ତ୍ତିଗଲେ କର୍ମଚାରୀ
■ ଲକ୍ଷାଧିକ ଟଙ୍କାର ଧାନ, ଚାଉଳ ନଷ୍ଟ ହେବା ଆଶଙ୍କା

ନବରଙ୍ଗପୁର,୨୧।୭(ସଦାଶିବ ପ୍ରହରାଜ)

ଗତ ୩ ଦିନ ଧରି ନବରଙ୍ଗପୁର ଜିଲାରେ ଦୁହାକୁ ଦୁହା ବର୍ଷା ଲାଗି ରହିଛି। ଲଗାଣ ବର୍ଷା ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟୁଛି। ବର୍ଷା ଯୋଗୁ ଶନିବାର ରାତିରେ ନବରଙ୍ଗପୁର ସହର ଘରୋଇ ବସଷ୍ଟାଣ୍ଡ ନିକଟସ୍ଥ ବଜରଙ୍ଗୀ ରାଇସ ମିଲର ଚାଉଳ ଗୋଦାମ ଗୃହ ଭୁଶୁଡି ପଡିଛି। ଫଳରେ ଲକ୍ଷାଧିକ ଟଙ୍କାର ଚାଉଳ ଦବିଯାଇଥିବା ଜଣାପଡ଼ିଛି। ଗୋଦାମ ଗୃହ ଭିତରେ ୩ ହଜାର କୁଇଣ୍ଟାଲ ସରକାରୀ ଚାଉଳ ସହ ଧାନ ରହିଥିବାବେଳେ ପାଣି ପଶି ଧାନ ଓ ଚାଉଳ ନଷ୍ଟ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଉକ୍ତ ଚାଉଳର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉକ୍ତ ଚାଉଳ ସରକାରଙ୍କ ତରଫରୁ ହିତାଧିକାରୀଙ୍କୁ ଯୋଗାଣ ପାଇଁ ରହିଥିଲା ବୋଲି ମିଲ୍ ମାଲିକ କହିଛନ୍ତି। ଗୋଦାମ ଘର କୋଠାଟି ଦୁଇ ମହଲା ବିଶିଷ୍ଟ ରହିଥିବା ବେଳେ ୫ ଜଣ କର୍ମଚାରୀ ମିଲରେ ରୁହନ୍ତି। ସମସ୍ତ କର୍ମଚାରୀ ରାତ୍ରିଭୋଜନ ପାଇଁ ରାତି ପ୍ରାୟ ୮ଟା ୩୦ରେ ଘରକୁ ଯିବା ପରେ ୯ଟାରେ ଗୋଦାମ ଘର କାନ୍ଥ ଭୁଶୁଡି ପଡ଼ିଥିବା କୁହାଯାଉଛି। ସୌଭାଗ୍ୟବଶତଃ ସମସ୍ତ କର୍ମଚାରୀ ଅଘଟଣରୁ ବର୍ତ୍ତି ଯାଇଛନ୍ତି । ତେବେ ଘଟଣା ବାବଦରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିବା ବେଳେ ଧାନଗୁଡିକୁ କିପରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇପାରିବ ସେ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଉଦ୍ୟମ କରାଯାଉଛି । କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବା ପାଇଁ ଅନୁରୋଧ କରିଛନ୍ତି ମିଲ ମାଲିକ ନରେନ୍ଦ୍ର କୁମାର ଅଗ୍ରୱାଲ ଓ ବିକାଶ ଅଗ୍ରୱାଲ। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର ସମସ୍ତ ମିଲ୍ ମାଲିକ ସେଠାରେ ପହଞ୍ଚି କ୍ଷତିପୂରଣ ଦେବା ପାଇଁ ଅନୁରୋଧ କରିଛନ୍ତି ।


ବର୍ଷା ଯୋଗୁ ଭୁଶୁଡି ପଡ଼ିଥିବା ଗୋଦାମ ଘର।

# ନାବାଳିକାଙ୍କ ଗର୍ଭପାତ ନେଇ ଥାନାରେ ମାମଲା

**ପ୍ରେମ ପ୍ରତାରଣା**

ଡାବୁଗାଁ, ୨୧।୭ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ପ୍ରେମ ପ୍ରତାରଣା ପରେ ପ୍ରେମିକଙ୍କ ପରିବାର ଲୋକେ ଜୋରଜବରଦସ୍ତ ଗର୍ଭପାତ କରାଇବା ଥାନାରେ ଅଭିଯୋଗ ହୋଇଛି। ଗର୍ଭପାତ ପରେ ନାବାଳିକା ଜଣକ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଗତ ୧୬ ତାରିଖରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।ସେଠାରେ ନାବାଳିକାଙ୍କ ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ନାବାଳିକା ଜଣଙ୍କ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ଶନିବାର ରାତି ପ୍ରାୟ ୧୧ଟାରେ ନାବାଳିକାଙ୍କ ବାପା ଉକ୍ତ ଯୁବକ ଓ ତାଙ୍କ ବାପା, ମାଙ୍କ ନାମରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି କେଶ ନଂ ୧୪୨/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ସବଇନସ୍ପେକ୍ଟର ବିଜୁରାମ ବାଗ ଘଟଣାର ତଦନ୍ତ କରୁଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ଡାବୁଗାଁ ଥାନା ଅଞ୍ଚଳର ଜଣେ ୨୩ ବର୍ଷୀୟ ଯୁବକ ଗତ ଫେବୃଆରିରେ ସେହି ଗ୍ରାମର ୧୭ ବର୍ଷୀୟା ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛି ଦିନ ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଉକ୍ତ ଯୁବକଙ୍କୁ ଜଣାଇଥିଲେ। ଯୁବକ ଜଣଙ୍କ ନାବାଳିକାଙ୍କ ପରିସ୍ରା ପରୀକ୍ଷା କରିବା ପରେ ସେ ଗର୍ଭବତୀ ଥିବା ଜାଣି ଫେରାର ହୋଇଯାଇଥିଲା । ପରେ ଏହି ବିଷୟରେ ଯୁବକ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକାଙ୍କ ଗର୍ଭ ନଷ୍ଟ ପାଇଁ ଯୁବକଙ୍କ ମା ଓ ବାପା କିଛି ଔଷଧ ଖାଇବାକୁ ଦେଇଥିଲେ। ଔଷଧ ଖାଇବା ପରେ ନାବାଳିକାଙ୍କ ଗର୍ଭପାତ ହେବାରୁ ସେ ଅସୁସ୍ଥ ହୋଇ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ।

# ପାପଡ଼ାହାଣ୍ଡି ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା

ନବରଙ୍ଗପୁର,୨୧।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ଅଭିଷେକ ଓ ପୂଜାର୍ଚ୍ଚନା ସହ ହୋମ କରାଯାଇଛି । ଆୟୋଜକ ଭାବେ ମନ୍ଦିର ଟ୍ରଷ୍ଟି ବିଭୂତି ପ୍ରସାଦ ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ସମେତ ଶତାଧିକ ଲୋକ ଯୋଗଦେଇ ଅଭିଷେକ କରି ଗୁରୁ ଶିରିଡି ସାଇବାବାଙ୍କ ଆଶୀର୍ବାଦ ନେଇଥିଲେ। ସକାଳ ସାଢେ ୬ ଟାରେ ଶ୍ରୀଗୁରୁ ସାଇବାବାଙ୍କ କାକଡ଼ ଆଳତି ପରେ ପୂର୍ବାହ୍ନ ୧୦ଟାରେ ବାବାଙ୍କ ଅଭିଷେକ ଅନୁଷ୍ଠିତ ହୋଇଥିଲା। ପରେ ପୂଜା ଓ ହୋମ କରାଯାଇଥିଲା । କର୍ତ୍ତା ଭାବେ ନବୀନ ଗନ୍ତାୟତ ଓ ତାଙ୍କ ଧର୍ମପତ୍ନୀ ସୁତପା ପଣ୍ଡା ପୂଜା ଓ ହୋମ କରିଥିଲେ । ମଧ୍ୟାହ୍ନ ଆଳତି ପରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟା ସାଢ଼େ ୬ରେ ଆଳତି, ରାତ୍ର ସାଢ଼େ ୮ଟାରେ ଶେଯ ଆଳତି ହୋଇଥିଲା । ଏ ନେଇ ଶତାଧିକ ଲୋକ ପ୍ରସାଦ ସେବନ କରିଥିଲେ । ଟ୍ରଷ୍ଟର ଧରମପାଲ ଶର୍ମା, ସଦାଶିବ ପ୍ରହରାଜ, ବିମଲ ଜୈନ, ବଳରାମ ସାହୁ, ଦେବରାଜ ନାୟକ, ଖାଡେଶ୍ୱର ଜାନୀ, ଶୁଭମ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।


ଜିଲାପାଳ କମଳଲୋଚନ ମିଶ୍ର ବାବାଙ୍କ ଅଭିଷେକ କରୁଛନ୍ତି ।

# ବଜ୍ରପାତରେ ୩ ମହିଳାଙ୍କ ସହ ଜଣେ ପୁରୁଷ ଆହତ

ଉମରକୋଟ,୨୧।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବା ବେଳେ ରବିବାର ବଜ୍ରପାତରେ ୩ ମହିଳାଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ବ୍ଲକର କରମରି ଗ୍ରାମ ଏବଂ ଚିତାବେଡା ପଞ୍ଚାୟତର ଡୁମରପଦର ଗ୍ରାମରେ ଧାନ ଜମିରେ କାମ କରିବା ସମୟରେ ହଠାତ ବଜ୍ରପାତ ଯୋଗୁ ୪ଜଣ ଆହତ ହୋଇଥିବା ଜଣାପଡିଛି ।

ସୂଚନା ପ୍ରକାରେ ବେଲଗାଁ ପଞ୍ଚାୟତ କରମରି ଗ୍ରାମଠାରୁ ଏକ କିଲୋମିଟର ଦୂରରେ ଥିବା ମୋହନ ପ୍ରଧାନୀଙ୍କ ଜମିରେ ଧାନ ତଳି ରୋଇବା ପାଇଁ କିଛି ମହିଳା ଶ୍ରମିକ ଯାଇଥିଲେ। ତେବେ ମୋହନ ପ୍ରଧାନୀଙ୍କ ସ୍ତ୍ରୀ କରୁଣା ପ୍ରଧାନୀ (୩୬),ଭାଇ ବୋହୂ କସ୍ତୁରିବା ପ୍ରଧାନୀ (୩୦) ଏବଂ ଆମେରିକା ପନକା (୩୦) ପ୍ରମୁଖ ଧାନ ରୁଆ କରିବା ସମୟରେ ଅପରାହ୍ନ ୩ ଟାରେ ବଜ୍ରାଘାତ ହୋଇଥିଲା। ଫଳରେ ୩ଜଣ ମହିଳା ଜମିରେ ଅଚେତ ହୋଇ ପଡିଗଲେ। କିଛି ଦୂରରେ ଜମିରେ କାମ କରୁଥିବା ଶ୍ରମିକମାନେ ଏହା ଦେଖି ତୁରନ୍ତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି କାର ଯୋଗେ ଆମେରିକା ପନକାଙ୍କୁ ଏବଂ ଆମ୍ବୁଲାନ୍ସ ଯୋଗେ କରୁଣା ପ୍ରଧାନୀ ସହ କସ୍ତୁରିବା ପ୍ରଧାନୀଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆମେରିକା ପନକାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।ଅନ୍ୟ ଦୁଇ ଜଣ ମହିଳା ଶ୍ରମିକ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେହିପରି ଚିତାବେଡା ପଞ୍ଚାୟତ ଅନ୍ତର୍ଗତ ଡୁମରପଦର ଗ୍ରାମର ଧନୁର୍ଜୟ ଗୌଡ଼(୪୫) ଜମିରେ କାମ କରିବା ସମୟରେ ଅପରାହ୍ନ ୪ ଟାରେ ବଜ୍ରାଘାତ ହେବାରୁ ସେ ଅଚେତ ହୋଇଯାଇଥିଲେ। ପରିବାର ଲୋକ ତୁରନ୍ତ ଗୁରୁତର ଅବସ୍ଥାରେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସୂଚନା ମିଳିଛି।


ଚିକିତ୍ସିତ ହେଉଥିବା ବଜ୍ରପାତରେ ଆହତ ମହିଳା।

# ସ୍ତ୍ରୀ ନିଖୋଜ, ଥାନାରେ ଅଭିଯୋଗ କଲେ ସ୍ୱାମୀ

ଡାବୁଗାଁ, ୨୧।୭ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜବାଗୁଡା ପଞ୍ଚାୟତ ଅଧୀନ ସନ୍ଧି ଗ୍ରାମର ଫଗୁନ ପନକାଙ୍କ ସ୍ତ୍ରୀ ସବିତା ସୁନା ନିଖୋଜ ଥିବା ନେଇ ରବିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସନ୍ଧି ଗ୍ରାମର ଫଗୁନ ପନକା ଗତ ୧୭ ତାରିଖରେ ସବୁଦିନ ଭଳି ସକାଳୁ ନିଜ ଜମିକୁ ହଳ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରି ଦେଖିଥିଲେ ଯେ ତାଙ୍କ ସ୍ତ୍ରୀ ସବିତା ସୁନା ଘରେ ନାହାନ୍ତି। ଏହାପରେ ଫଗୁନ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ।ଏ ନେଇ ଫଗୁନ ରବିବାର ଡାବୁଗାଁ ଥାନାରେ ସ୍ତ୍ରୀ ନିଖୋଜ ହୋଇଥିବା ନେଇ ଏକ ଅଭିଯୋଗ କରିଛନ୍ତି।

# ୧୨ ବର୍ଷ ବିତିଲାଣି, ଜଳୁନି ହାଇମାଷ୍ଟ ଲାଇଟ

ଝରିଗାଁ,୨୧।୭
(କିଶୋର ଚନ୍ଦ୍ର ମଣ୍ଡଳ)

କାର୍ଯ୍ୟରେ ଆସୁନି ସରକାରଙ୍କ ଯୋଜନା । ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୧୨ବର୍ଷ ହେଲା ଜଳୁନି ହାଇମାଷ୍ଟ ଲାଇଟ । ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମାଠାରେ। ୨୦୧୧-୧୨ରେ ଆଲୋକୀକରଣ ସକାଶେ ପ୍ରାୟ ୧୫ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଝରିଗାଁ ସଦର ମହକୁମାଠାରେ ଏକ ହାଇମାଷ୍ଟ ଲାଇଟ ଲଗାଯାଇଥିଲା। ତା' ପାଇଁ ଏକ ସ୍ୱତନ୍ତ୍ର ୨୫ କେଭି ଟ୍ରାନ୍ସଫର୍ମର ମଧ୍ୟ ଲଗାଯାଇଥିଲା। ଉକ୍ତ ହାଇମାଷ୍ଟ ଲାଇଟ ମାତ୍ର ଏକ ସପ୍ତାହ ପର୍ଯ୍ୟନ୍ତ ବସଷ୍ଟାଣ୍ଡକୁ ଅଲୋକୀକରଣ କରିଥିଲା । ମାତ୍ର ସପ୍ତାହେ ଅଲୋକୀକରଣ ହେବା ପରେ ମାସ ଶେଷକୁ ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରି ବିଲ୍ ପୈଠ କରିବା ପାଇଁ ନୋଟିସ ଆସିଥିଲା । ସମୟ ବିତିଗଲା ସରକାର ମଧ୍ୟ ବଦଳିଗଲା, ସେଥିମଧ୍ୟରେ ଅଧିକାରୀ ମଧ୍ୟ ବଦଳିଗଲେ, ହେଲେ ସମସ୍ୟାର ସମାଧାନ ନେଇ କେହି ମଧ୍ୟ ଆନ୍ତରିକତା ଦେଖାଇ ନ ଥିଲେ। ଫଳରେ ସରକାରଙ୍କ ଯୋଜନାରୁ ବଞ୍ଚିତ ରହିଛନ୍ତି ସ୍ଥାନୀୟ ଲୋକେ । ଏ ନେଇ ସ୍ଥାନୀୟ ବିଧାୟକ ନରସିଂହ ଭତ୍ରାଙ୍କୁ ଯୋଗାଯୋଗ କରିବାରୁ ଅଚଳ ହୋଇପଡ଼ିଥିବା ହାଇମାଷ୍ଟ ଲାଇଟ କିପରି ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି କହିଥିଲେ।


ଅଚଳ ହାଇମାଷ୍ଟ ଲାଇଟ।

# ପଞ୍ଚମୁଖୀ ହନୁମାନ ମନ୍ଦିରରୁ ରୁପା ମୁକୁଟ ଚୋରି

ନବରଙ୍ଗପୁର,୨୧।୭
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ଅଧିନ କେଶରୀଗୁଡା ଛକ ପାର୍ଶ୍ୱରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ପଞ୍ଚମୁଖୀ ହନୁମାନଙ୍କ ରୁପା ମୁକୁଟ ଦୁର୍ବୃତ୍ତ ଚୋରି କରିନେଇଥିବା ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ମନ୍ଦିରରୁ ଏହା ଦ୍ୱିତୀୟ ଥର ପାଇଁ ଚୋରି ହୋଇଥିବା କେଶରୀଗୁଡା ଗ୍ରାମବାସୀ କହିଛନ୍ତି। ଗାଁ ଲୋକେ ସକାଳେ ମନ୍ଦିରକୁ ପୂଜା କରିବା ପାଇଁ ଯିବାବେଳେ ଗେଟ ତାଲା ଭାଙ୍ଗି ତଳେ ପଡିଥିବା ଦେଖି ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ୨ବର୍ଷ ତଳେ ମନ୍ଦିରରୁ ଚୋରି ହେଇଥିଲା ଏବଂ ପୁଣି ଦ୍ୱିତୀୟ ଥର ମନ୍ଦିରରୁ ଚୋରି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଚୋରି କରିଥିବା ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ ଲିଖିତ ଅଭିଯୋଗ ଥାନାକୁ ଆସି ନ ଥିବାରୁ ମାମଲା ରୁଜୁ ହୋଇନାହିଁ ।


ପୋଲିସ ମନ୍ଦିରରେ ଚୋରି ଘଟଣାର ତଦନ୍ତ କରୁଛି।

# ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ପ୍ରସ୍ତୁତି

ଝରିଗାଁ,୨୧।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି ସଭାଗୃହଠାରେ ରବିବାର ଝରିଗାଁ ବ୍ଲକ ଜନଜାତି ସୁରକ୍ଷା ମଞ୍ଚ ସଭପତି ଘନ ମାଝୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରାସାଦ ମାଝୀ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ଉପସଭାପତି କୃଷ୍ଣ ସାନ୍ତା, ଜିଲା ଜନଜାତି ଉପସଭାପତି ପଦମନ ସାନ୍ତା, ବ୍ଲକ ସମ୍ପାଦକ ଦିବାକର ହଲବା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ଆଗାମୀ ବିଶ୍ୱ ଆଦିବାସୀ ଦିବସ ପାଳନ କିପରି ସୁରୁଖୁରୁରେ ଉମରକୋଟଠାରେ ଆୟୋଜନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ଏହି ଅବସରରେ ଟିକଚନ୍ଦ ମାଝୀ, ଶୁକାଲୁ ଗଣ୍ଡ, ଖଗପତି ଭତ୍ରା, ଚନ୍ଦ୍ର ପୂଜାରୀ, ଗୋବିନ୍ଦ ମାଝୀ, ଅଭିମନ୍ୟୁ ମାଝୀ, ଜଗେନ୍ଦ୍ର ମାଝୀ, ମନ ଭତ୍ରା, ଲଚମିଧର ମାଝୀ, ଚକ୍ରଧର ଅମାନତ୍ୟ, ଧନୁର୍ଜୟ ସମରଥ, ତପନ ସାନ୍ତା, ଦେବି ଭତ୍ରା, ରତି ଜାନି ପ୍ରମୁଖ ଉପସ୍ଥିତ ଥିଲେ ।


ପ୍ରସ୍ତୁତି ବୈଠକରେ ଜନ ଜାତି ସୁରକ୍ଷା ମଞ୍ଚର କର୍ମକର୍ତ୍ତା।

# ବନ୍ଧୁକ ମୁନରେ ଲୁଟ୍ ମାମଲା: ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଉମରକୋଟ,୨୧।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଗୁଲିପାଟଣାସ୍ଥିତ ସୁଶାନ୍ତ ଖରାଙ୍କ ଘରୁ ଗତ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକ ନିଜକୁ ଡେଲିବରୀ ବୟର ପରିଚୟ ଦେଇ ଘର ଭିତରେ ପଶି ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଥିଲେ। ଏହି ଘଟଣାରେ ରବିବାର ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ଆସି ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଜଣେ ଦୁର୍ବୃତ୍ତ ସୁଶାନ୍ତ ଖରାଙ୍କ ଘରେ ପଶି ବନ୍ଧୁକ ଦେଖାଇ ନଗଦ ୬ ରୁ ୭ ହଜାର ଟଙ୍କା ସହ ପ୍ରାୟ ୭ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ । ଲୁଟ ବିଷୟରେ ପୋଲିସକୁ ଜଣାଇଲେ ସ୍କୁଲ ଗଲାବେଳେ ଗୁଳିକରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଫଳରେ ସୁଶାନ୍ତଙ୍କ ପରିବାର ପୋଲିସକୁ ଜଣାଇ ନ ଥିଲେ । ପରେ ଶନିବାର ଅପରାହ୍ନରେ ଥାନାରେ ଅଭିଯୋଗ କରିବା ୨୮୦/୨୪ରେ ମାମଲା ରୁଜୁ ହୋଇଛି। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ରବିବାର ଉମରକୋଟ ପୋଲିସ ନବରଙ୍ଗପୁରରୁ ସାଇନ୍ଟିଫିକ ଟିମ ସହ ସନ୍ଧାନି କୁକୁରର ସହାୟତା ନେଇ ତଦନ୍ତ ଆରମ୍ଭ କରିଛି। ଡକାୟତମାନେ ହିନ୍ଦୀ, ଓଡ଼ିଆ ଏବଂ ସ୍ଥାନୀୟ ଭାଷାରେ କଥା ହେଉଥିବା ଲୁଟର ଶିକାର ହୋଇଥିବା ସୁଶାନ୍ତ କହିଛନ୍ତି।


ନବରଙ୍ଗପୁର ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ତଦନ୍ତ କରୁଛି।

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବଜରଙ୍ଗ ଦଳର ବୈଠକ

ନବରଙ୍ଗପୁର,୨୧।୭
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବୈଭବ କଲ୍ୟାଣମଣ୍ଡପ ଠାରେ ରବିବାର ଜିଲା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବଜରଙ୍ଗ ଦଳର ଏକ ବୈଠକ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ମୂଳମନ୍ତ୍ର ସେବା, ସୁରକ୍ଷା ଓ ସଂସ୍କାର ବିଷୟରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂଗଠନର ସ୍ଥାପନା, ଉପଲବ୍ଧି, ଉଦ୍ଦେଶ୍ୟ ଓ କାର୍ଯ୍ୟ ବିଷୟରେ କାର୍ଯ୍ୟକର୍ତ୍ତାମାନଙ୍କୁ ତଥ୍ୟ ପ୍ରଦାନ କରାଯାଇଥିଲା। ବୈଠକରେ ବଜରଙ୍ଗ ଦଳ ଓଡିଶା ପଶ୍ଚିମ ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାଏକ, ପ୍ରାନ୍ତ ସହ ସଂଯୋଜକ ସୌମ୍ୟ ରଞ୍ଜନ ମିଶ୍ର, ବିଶ୍ୱହିନ୍ଦୁ ପରିଷଦ ନବରଙ୍ଗପୁର ଜିଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ,ମାତୃଶକ୍ତି ଜିଲା ସଂଯୋଜିକା ଶଶିରେଖା ପଟ୍ଟନାୟକ, ସିଏଚ. ଈଶ୍ୱର ରାଓ, ରାଜୁ ଦାଶ, ନିଗମ କୁମାର ସାହୁ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# କାଦୁଅରେ ରାସ୍ତା ଭର୍ତ୍ତି, ଗାଁକୁ ବାଇକ୍ ଯିବା କଷ୍ଟ

**ଅସୁବିଧା ଭୋଗୁଛନ୍ତି ୩ ଗ୍ରାମର ଲୋକେ**

ଉମରକୋଟ,୨୧।୭(ସନ୍ତୋଷ ଶତପଥୀ)

ଦେଶ ସ୍ୱାଧୀନ ହେବାର ଏତେ ବର୍ଷ ପରେ ମଧ୍ୟ ନବରଙ୍ଗପୁର ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ଗମନାଗମନର ସୁବିଧା ହୋଇପାରି ନାହିଁ। ଗାଁକୁ ପକ୍କା ରାସ୍ତା ନ ଥିବାରୁ ଯାତାୟାତ ପାଇଁ ମାଟି ରାସ୍ତା ହିଁ ଏକମାତ୍ର ଭରସା। ତେବେ ପ୍ରବଳ ବର୍ଷାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲା ପାଇଁ ରେଡ ଆଲର୍ଟ ଜାରି କରାଯାଇଛି। ଉମରକୋଟ ବ୍ଲକ ବଡ଼କୁମାରୀ ପଞ୍ଚାୟତରେ ବର୍ଷା ଲାଗି ରହିଥିବାବେଳେ ୩ ଗାଁ ଜଡ଼ାବନ୍ଧ, ଭାଲୁସାହି, ବାଲିଆବେଡା ଗାଁର ମାଟି ରାସ୍ତା କାଦୁଅରେ ଭର୍ତ୍ତି। ବର୍ଷାଦିନେ ଉକ୍ତ ରାସ୍ତାରେ ୪ ଚକିଆ ଯାନ ଯିବା ତ ଦୂରର କଥା, ସାଇକେଲ କିମ୍ବା ବାଇକ୍ ଯିବା ବି କଷ୍ଟକର। ଫଳରେ ଲୋକେ ବାଧ ହୋଇ ଆଣ୍ଠୁଏ କାଦୁଅ ଭର୍ତ୍ତି ରାସ୍ତାରେ ଚାଲିକରି ଯିବାଆସିବା କରୁଛନ୍ତି। ଗାଁରେ ଜରୁରିକାଳୀନ ସେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଆସିପାରୁ ନାହିଁ। ଗାଁଠାରୁ ୩ କିଲୋମିଟର ଦୂରରେ ଥିବା ଯାନିଗୁଡାଠାରେ ଗାଡି ଅଟକି ରହୁଛି। ଫଳରେ ରୋଗୀ ଓ ଗର୍ଭବତୀଙ୍କୁ ଗାଡି ନିକଟକୁ ଭାରରେ ଆଣିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ୩ ଟି ଗାଁରେ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ବର୍ଷାଦିନ ହେଲେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଗାଁର ରାସ୍ତା ସମସ୍ୟା ସମ୍ପର୍କରେ ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଲଗାଣ ବର୍ଷା ହେଲେ ୩ ଖଣ୍ଡ ଗାଁ ପିଲାଙ୍କ ପାଠପଢା ବନ୍ଦ ରହୁଛି। ରାସ୍ତା ଖରାପ ଯୋଗୁ ସ୍କୁଲକୁ ଶିକ୍ଷକ ଆସିପାରୁ ନାହାନ୍ତି । ପ୍ରତିବର୍ଷ ଆମ ଗାଁ ରାସ୍ତା ମରାମତି ନାମରେ ରାସ୍ତାରେ ମାଟି ମୋରମ ପକାଇ ଠିକାଦାର ମାଲାମାଲ ହେଉଛନ୍ତି କିନ୍ତୁ ଆମ ଅବସ୍ଥା ସେମିତି ରହିଛି ବୋଲି କହିଛନ୍ତି ଗ୍ରାମବାସୀ। ଘଟଣାକୁ ନେଇ ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥଙ୍କୁ ପଚାରିବାରୁ ଲୋକଙ୍କ ସମସ୍ୟା ଖୁବଶୀଘ୍ର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।


ଜଣେ ଗ୍ରାମବାସୀ କାଦୁଅଭର୍ତ୍ତି ରାସ୍ତାରେ ବାଇକ୍ ଯୋଗେ ଯାଉଛନ୍ତି।

